بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3 | ସଂଖ୍ୟା ୨

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

01 ମାର୍ଚ୍ଚ 2018 01 ଅମାନ୍ 1397 ହି.ଶ 12 ଜମାଦିସ୍ ସାନି 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

ଲା ତାବୁଦୁନା ଇଲଲ୍ଲାହା ୱ ବିଲ୍ ୱାଲିଦଇନି ଏହ୍‌ସାନୌଁ ୱ ଜିଲ୍ କୁର୍‌ବା ୱଲ୍ ୟତାମା ୱଲ୍ ମସାକିନ୍

(ସୁରା ବକ୍‌ରା : ୮୪)

**ଅନୁବାଦ:-** ତୁମେମାନେ ଅଲ୍ଲାଃଙ୍କ ବ୍ୟତୀତ (ଅନ୍ୟ) କାହାରି ଉପାସନା କରନାହିଁ ଏବଂ ପିତାମାତା, ଆତ୍ମୀୟ, ଅନାଥ ଓ ଦରିଦ୍ର ମାନଙ୍କ ପ୍ରତି ସଦୟ ହୁଅ ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**କୁଦ୍‌ରତ୍ (ଶକ୍ତି), କରୁଣା ଓ ନିକଟତାର ନିଦର୍ଶନ ତୁମକୁ ଦିଆଯାଉଅଛି ।**

**କୃପା ଓ ଅନୁଗ୍ରହର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଛି ଓ ବିଜୟ ଓ ସଫଳତାର ଋବି ତୁମକୁ ମିଳୁଅଛି ।**

**ମୁବାରକ୍ ହେଉ ତାକୁ ଯିଏ ଆକାଶରୁ ଆସୁଅଛି ।**

**ଫର୍‌ଜନ୍ଦ୍ ଦିଲ୍‌ବନ୍ଦ୍ ଗରାମି ଅର୍‌ଜ ମନ୍ଦ୍ ମଜ୍‌ହରୁଲ୍ ଅୱ୍ୱଲି ୱଲ୍ ଆଖିରି ମଜ୍‌ହରୁଲ୍ ହକ୍‌କି ୱଲ୍ ଉଲାଇ କଅନ୍ନଲ୍ଲାଃ ନଜଲା ମିନସ୍ ସମାଏ ।**

# ପେଶ୍‌ଗୋଇ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ରଜିୟଲ୍ଲାହୋ ତାଲା ଅନ୍‌ହୋ ।

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ୱ ମେହେଦୀ ମାହୁଦ୍ ଆଲୈହିସ୍ ସଲାତୋ ୱସ୍ ସଲାମୋ ୨୦ ଫେବୃଆରୀ ୧୮୮୬ ମସିହା ଦିନ ଗୋଟିଏ ଇସ୍ତେହାର ଛପାଇ ପ୍ରକାଶ କଲେ । ଏବଂ ସେଥିରେ ''ମୁସ୍‌ଲେହ ମଉଦ୍''ଙ୍କ ବିଷୟରେ ଗୋଟିଏ ମହାନ୍ ପେଶ୍‌ଗୋଇର ଚର୍ଚ୍ଚା କରି କହୁଛନ୍ତି:-

''ଏଲ୍‌ହାମ୍ ସହିତ ଅଲ୍ଲାଃତାଲା ଓ ମର୍ଯ୍ୟାଦାପୂର୍ଣ୍ଣ ଅଶେଷ ଦୟାବାନ୍ ଏବଂ କରୁଣାମୟ, ଯିଏ ସମସ୍ତଙ୍କଠାରୁ ଉଚ୍ଚରେ ଓ ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ଅଟନ୍ତି (ଜଲ୍ଲା ଶାନୁହୁ ୱ ଅଜ୍ଜ ଇସ୍‌ମୁହୁ) ମୋତେ ନିଜର ଏଲ୍‌ହାମ୍ ଦ୍ୱାରା ସମ୍ବୋଧନ କରି କହିଲେ ଯେ ମୁଁ ତୁମକୁ ଗୋଟିଏ କରୁଣାର ନିଦର୍ଶନ ଦେଉଅଛି । ଏହା ତା ଅନୁସାରେ ଯାହା ତୁ ମୋଠାରୁ ମାଗିଅଛୁ । ତେଣୁ ମୁଁ ତୋ ବ୍ୟାକୁଳତାକୁ ଶୁଣିଲି ଓ ତୁମ ପ୍ରାର୍ଥନାକୁ ନିଜ କରୁଣା ଦ୍ୱାରା ଗ୍ରହଣୀୟ ସ୍ଥାନ ପ୍ରଦାନ କଲି । ଏବଂ ତୋର ସଫର୍‌କୁ (ଯାହା ହୁସିଆର୍‌ପୁର୍ ଓ ଲୁଧିଆନାର ସଫର୍ ଅଟେ) ତୋ ପାଇଁ ମୁବାରକ୍ କରିଦେଲି । ତେଣୁ କୁଦ୍‌ରତ୍ (ଶକ୍ତି), କରୁଣା ଓ ସନ୍ନିକଟତାର ନିଦର୍ଶନ ତୁମକୁ ଦିଆଯାଉଅଛି । କୃପା ଓ ଅନୁଗ୍ରହର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଛି ଓ ବିଜୟ ଓ ସଫଳତାର ଋବି ତୁମକୁ ମିଳୁଅଛି । ହେ ମୁଜଫର୍ ତୁମ ଉପରେ ସଲାମ୍ ! ଖୁଦାତାଲା ଏହା କହିଲେ, ଯଦ୍ୱାରା ଯେଉଁମାନେ ଜୀବନ ଚାହୁଁଛନ୍ତି ସେମାନେ ମୃତ୍ୟୁର ପଞ୍ଜାରୁ ମୋକ୍ଷ ପାଇବେ । ଏବଂ ଯେଉଁମାନେ କବର ଭିତରେ ପଡ଼ି ରହିଛନ୍ତି । ସେମାନେ ବାହାରକୁ ବାହାରିବେ । ଏବଂ ଯଦ୍ୱାରା ଦୀନେ ଇସ୍‌ଲାମ୍ (ଇସ୍‌ଲାମ୍ ଧର୍ମ)ର ସମ୍ମାନ ଓ ଅଲ୍ଲାଃଙ୍କ ବାଣୀର ମହିମା ଲୋକମାନଙ୍କ ଉପରେ ପ୍ରକାଶ ହେବ । ଏବଂ ସତ୍ୟ ତାର ସମସ୍ତ ବର୍‌କତ୍‌କୁ ନେଇ ଉପସ୍ଥିତ ହେବ ଓ ମିଥ୍ୟା ନିଜର ସମସ୍ତ ଅଶୁଭତାକୁ ନେଇ ଚାଲିଯିବ । ଏବଂ ଲୋକମାନେ ଏହା ଜାଣିନେବେ ଯେ ମୁଁ ହେଉଛି ସର୍ବ ଶକ୍ତିମାନ୍ । ଯାହା ଇଛା କରେ ତାହା କରିଥାଏ । ଏବଂ ସେମାନେ ବିଶ୍ୱାସ କରିନେବେ ଯେ ମୁଁ ତୋ ସହିତ ଅଛି । ଏବଂ ଯେଉଁମାନେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁନାହାଁନ୍ତି ଓ ଖୁଦା ଓ ଖୁଦାଙ୍କ ଧର୍ମ, ତାଙ୍କ ପୁସ୍ତକ ଓ ତାଙ୍କ ପବିତ୍ର ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ମାନୁନାହାଁନ୍ତି ଓ ମିଥ୍ୟାବାଦୀ ବୋଲି ବିବେଚିତ କରୁଛନ୍ତି, ସେମାନଙ୍କୁ ଖୋଲା ନିଦର୍ଶନ ମିଳିବ ଓ ଅପରାଧିଙ୍କର ମାର୍ଗ ସ୍ପଷ୍ଟ ହୋଇଯିବ । ତେଣୁ ତୁମକୁ ଶୁଭେଚ୍ଛା ହେଉ ଯେ ଗୋଟିଏ ସୁନ୍ଦର ଓ ପବିତ୍ର ପୁତ୍ର ତୁମକୁ ଦିଆଯିବ । ଏକ ପବିତ୍ର ଗୁଲାମ୍ (ପୁତ୍ର) ତୁମକୁ ମିଳିବ । ସେ ପୁତ୍ର ତୁମ ବୀଜରୁ ତୁମର ହିଁ ସନ୍ତାନ ଓ ବଂଶଜ ହେବ । ସୁନ୍ଦର ପବିତ୍ର ପୁତ୍ର ତୁମର ଅତିଥି ଆସୁଅଛି । ତାର ନାମ ଅନ୍‌ମୱାଇଲ୍ ଓ ବଶିର୍ ମଧ୍ୟ ଅଟେ । ତାକୁ ପବିତ୍ର ଆତ୍ମା ଦିଆଯାଇଛି । ଏବଂ ସେ ଘୃନତାଠାରୁ ପବିତ୍ର ଅଟେ । ଏବଂ ସେ ଅଲ୍ଲାଃଙ୍କର ଜ୍ୟୋତି ଅଟେ । ମୁବାରକ୍ ସେ ଯିଏ ଆକାଶରୁ ଆସୁଅଛି । ତା ସହିତ ଫଜଲ୍ ଅଛି । ଯିଏ ତାର ଆସିବା ସହିତ ଆସିବ । ସେ ବୈଭବଶାଳୀ, ମହିମାଶାଳୀ ଓ ବିତଶାଳୀ ହେବେ । ସେ ସଂସାରକୁ ଆସିବ ଓ ନିଜର ମସିହ୍ ନଫ୍‌ସ (ମସିହ୍ ଗୁଣ ବିଶେଷ ଅସ୍ତିତ୍ୱ ରଖିଥିବା ବ୍ୟକ୍ତି) ଏବଂ ରୁହୁଲ୍ ହକ୍ (ସତ୍ୟପ୍ରାଣ) ର ଅନୁଗ୍ରହରୁ ବହୁତ ଲୋକଙ୍କୁ ରୋଗରୁ ମୁକ୍ତ କରାଇବ । ସେ ଅଲ୍ଲାଃଙ୍କ ବାଣୀ ଅଟନ୍ତି । କାରଣ ଖୁଦାଙ୍କ କରୁଣା ଓ ସ୍ୱାଭିମାନ ତାକୁ ଶ୍ରେଷ୍ଠ ବାଣୀ ଦେଇ ପଠାଇଛନ୍ତି । ସେ ଅତ୍ୟନ୍ତ ବୁଦ୍ଧିମାନ୍ ଓ ଜ୍ଞାନୀ ହେବ । ଏବଂ ଉଦାରଚିତ ଓ ଅନ୍ତ ଓ ବାହ୍ୟ ଜ୍ଞାନରେ ପରିପୂର୍ଣ୍ଣ କରାଯିବ । ଏବଂ ସେ ୩ କୁ ୪ କରିବେ (ଏହାର ଅର୍ଥ ବୁଝିହେଲା ନାହିଁ) । ଦୋଶମ୍ବା ହେ ମୁବାରକ୍ ଦୋଶମ୍ବା ଫର୍‌ଜନ୍ଦ୍ ଦିଲ୍‌ବନ୍ଦ୍ ଗରାମି ଅର୍‌ଜ ମନ୍ଦ୍ ମଜ୍‌ହରୁଲ୍ ଅୱ୍ୱଲି ୱଲ୍ ଆଖିରି ମଜ୍‌ହରୁଲ୍ ହକ୍‌କି ୱଲ୍ ଉଲାଇ କଅନ୍ନଲ୍ଲାଃ ନଜଲା ମିନସ୍ ସମାଏ । ଯାହାଙ୍କ ଅବତୀର୍ଣ୍ଣ ବହୁତ ମୁବାରକ୍ ଓ ଅଲ୍ଲାଃଙ୍କ ପ୍ରତାପର ପ୍ରକାଶର କାରଣ ହେବ । ଜ୍ୟୋତି, ଯାହାକୁ ଖୁଦା ନିଜ ପ୍ରସନ୍ନତାର ଅତର ଦ୍ୱାରା ସୁବାଶିତ କରିଛି । ଆମେ ତା ମଧ୍ୟରେ ନିଜର ଆତ୍ମା ରଖିବୁ ଓ ଖୁଦାଙ୍କ ଛତ୍ରଛାୟା ତାଙ୍କ ମୁଣ୍ଡ ଉପରେ ରହିବ । ସେ ଶିଘ୍ର ଶିଘ୍ର ବଢ଼ିବ ଓ କଏଦୀମାନଙ୍କ ମୁକ୍ତିର କାରଣ ହେବ । ସେ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବ ଓ କୌମ୍ ତାଠାରୁ ବର୍‌କତ୍ ପାଇବେ । ତେବେ ଯାଇ ନିଜର ଜୀବନବିନ୍ଦୁ ଆକାଶ ଆଡକୁ ଉଠାଇ ନିଆଯିବ । ୱକାନା ଅମ୍‌ରମ୍ ମକ୍‌ଜିୟା'' ।

**(ମଜ୍‌ମୁଆ ଇସ୍ତେହାରାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୦୦)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଆମର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଦୀନି (ଧାର୍ମିକ) ଜ୍ଞାନକୁ ବଢ଼ାଇବା ଓ ତକ୍ୱା (ଧର୍ମପରାୟଣତା) ରେ ଉନ୍ନତି କରିବା । ନିଜ ଇମାନ୍‌ର ବାସ୍ତବିକତାକୁ ଚିହ୍ନନ୍ତୁ ଓ ଅଲ୍ଲାଃଙ୍କ ପ୍ରାପ୍ୟ ଓ ଭକ୍ତଙ୍କର ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ଅଲ୍ଲାଃଙ୍କ ସୁନ୍ଦର ଶିକ୍ଷାଗୁଡିକ ଉପରେ ଭରପୁର୍ ଅମଳ କରିବା ପାଇଁ ଚେଷ୍ଟା କରିବା ।**

**ଆପଣମାନେ ଏ ଜଲ୍‌ସାରେ ଏ ନିୟତ୍ ରଖି ସାମିଲ୍ ହୁଅନ୍ତୁ କି ନା କେବଳ ଇସ୍‌ଲାମେ ଅହେମଦୀୟତ୍ ବିଷୟରେ ନିଜର ଜ୍ଞାନକୁ ବଢ଼ାଇବେ ବରଂ ଏଗୁଡିକୁ ନିଜ ଜୀବନରେ ପ୍ରୟୋଗ କରି ଅମଳ ମଧ୍ୟ କରିବେ ।**

**ଜଲ୍‌ସା ସାଲାନା ଫିଜି ୨୩-୨୪ ଡିସେମ୍ବର୍ ୨୦୧୭ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତ୍ତା ।**

ବିସ୍‌ମିଲ୍ଲାଃ ହିର୍‌ରହ୍‌ମା ନିର୍‌ରହିମ୍

ନହମଦୁହୁ ୱ ନୁସଲ୍ଲି ଆଲା ରସୁଲିହିଲ୍ କରିମ୍ ୱ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍

ଖୁଦାକେ ଫଜଲ୍ ଅଓର୍ ରହମ୍ କେ ସାଥ୍ ହୁୱନ୍ ନାସିର୍

ପ୍ରୀୟ ଯମାତ୍ ଅହେମଦୀୟା ମୁସ୍‌ଲିମ୍ ଫିଜିର ସଦସ୍ୟଗଣ

ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ନିଜର ୪୭ତମ ଜଲ୍‌ସାସାଲାନା ୨୩ ଓ ୨୪ ଡିସେମ୍ବରକୁ ପାଳନ କରୁଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃତାଲା ଆପଣମାନଙ୍କ ଜଲ୍‌ସାକୁ ବାବର୍‌କତ୍ ଓ ସଫଳ କରନ୍ତୁ । ଏବଂ ସମସ୍ତ ଲୋକେ ଯେଉଁମାନେ ଏହି ଆଧ୍ୟାତ୍ମିକ ଜଲ୍‌ସାରେ ସାମିଲ୍ ହେଉଅଛନ୍ତି ସେମାନଙ୍କୁ ଅଧିକରୁ ଅଧିକ ଆଧ୍ୟାତ୍ମିକ ଲାଭ ଓ ଅଗଣିତ ବର୍‌କାତ୍ ପ୍ରାପ୍ତ ହେଉ ।

ପ୍ରତ୍ୟେକ ଅହେମଦୀ ଏହା ଜାଣିଛନ୍ତି ଯେ ଆମର ଜଲ୍‌ସା ସାଲାନା, ତାହା ଯେଉଁଠାରେ ମଧ୍ୟ ହେଉ ଓ ଯେଉଁ ଦେଶରେ ମଧ୍ୟ ଅନୁଷ୍ଠିତ ହେଉଛି, ଯେଉଁଥିପାଇଁ ଆପଣମାନେ ମଧ୍ୟ ପୁଣି ଥରେ ଫିଜି ଦେଶରେ ଏକାଠି ହୋଇଛନ୍ତି, ଏହି ଜଲ୍‌ସା ସାଂସାରିକ ମନୋରଞ୍ଜନ ଓ ଖେଳକୁଦ ପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ଆମ ସମସ୍ତଙ୍କର ଏକାଠି ହେବା ଓ ଜଲ୍‌ସାର ଉଦ୍ଦେଶ୍ୟ ହେଉଛି ଆଧ୍ୟାତ୍ମିକ ପରିବେଶ, ଯେଉଁଥିରୁ ଆମକୁ ଲାଭ ଉଠାଇବାକୁ ହେବ । ଫଳତଃ ଆମେ ନିଜର ଚରିତ୍ରକୁ ସୁଧାରିପାରିବା । ଆମର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଦୀନି ଇଲମ୍‌କୁ ବଢ଼ାଇବା ଓ ତକ୍ୱାରେ ଉନ୍ନତି କରିବା । ଆମେ ଇସ୍‌ଲାମେ ଅହେମଦୀୟତ୍‌ର ଏହି ସୁନ୍ଦର ଶିକ୍ଷା ଉପରେ ପୂର୍ବଠାରୁ ବଳି ଅଧିକ ଜାଣିପାରିବା, ଯାହାକୁ ମାନିବାର ଦାବି ଆମେ କରୁଅଛେ ଏବଂ ଯାହାକୁ ଗ୍ରହଣ କରି ଆମେ ବୟତ୍ କରିଅଛେ । ଏବଂ ନିଜର ଇମାନ୍‌ର ବାସ୍ତବିକତାକୁ ଚିହ୍ନନ୍ତୁ ଓ ହୁକୁକୁଲ୍ଲାଃ (ଅଲ୍ଲାଃଙ୍କର ପ୍ରାପ୍ୟ) ଏବଂ ହୁକୁକୁଲ୍ ଇବାଦ୍ (ଭକ୍ତଙ୍କର ପ୍ରାପ୍ୟ) ବିଷୟରେ ଏହାର ସୁନ୍ଦର ଶିକ୍ଷା ଉପରେ ଭରପୁର୍ ଅମଳ କରିବା ପାଇଁ ଚେଷ୍ଟା କରିବା ।

ଆପଣମାନେ ଏହି ଜଲ୍‌ସାରେ ଜମାତ୍‌ର ବକ୍ତାମାନଙ୍କର ବକ୍ତବ୍ୟ ଗୁଡିକୁ ଅତ୍ୟନ୍ତ ଧ୍ୟାନର ସହିତ ଶୁଣନ୍ତୁ । ଏହା ମନେରଖ ଯେ ବକ୍ତାମାନେ ବହୁତ ପରିଶ୍ରମ ଓ ବହୁତ ଚେଷ୍ଟା କରି ସେମାନଙ୍କର ବକ୍ତବ୍ୟ ଗୁଡିକ ପ୍ରସ୍ତୁତ କରିଛନ୍ତି । ସେଥିଯୋଗୁ ସେଗୁଡିକ ଗଭୀର ରୂପେ ମନଧ୍ୟାନ ଦେଇ ଶୁଣିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଖୁଦାତାଲାଙ୍କର ଆମ ଉପରେ ବହୁତ କୃପା ଅଟେ ଯେ ଆମ ବକ୍ତାମାନଙ୍କର ଗବେଷଣାର ମୂଳ ଉତ୍ସ ପବିତ୍ର କୋରାନ୍, ସୁନ୍ନତ୍ ଏବଂ ଆହାଦିସ୍ ରସୁଲୁଲ୍ଲାଃ ସ:ଆ:ସ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାରଗର୍ଭକ ଉପଦେଶାବଳୀ ଗୁଡିକ ଉପରେ ପର୍ଯ୍ୟବେଶିତ । ହିକ୍‌ମତ୍ (ସାରଗର୍ଭକ) ଏବଂ ବୁଦ୍ଧିମତାର କଥା ସେମାନେ ଆମ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ସେ ଯାହା ହେଉ ଆପଣମାନେ ଜଲ୍‌ସାରେ ଏ ନିୟତ ରଖି ସାମିଲ୍ ହେବେ ଯେ ନା କେବଳ ଆପଣମାନେ ଇସ୍‌ଲାମେ ଅହେମଦୀୟତ୍ ବିଷୟରେ ନିଜର ଜ୍ଞାନକୁ ବଢ଼ାଇବେ ବରଂ ଏହା ଉପରେ ଅମଳ କରି ନିଜ ଜୀବନରେ ଏଗୁଡିକୁ ପ୍ରୟୋଗ ମଧ୍ୟ କରିବେ । ଯଦି ଆପଣମାନେ ଇସ୍‌ଲାମ୍‌ର ଶିକ୍ଷା ଗୁଡିକ ଉପରେ ନିଷ୍ଠା ଓ ସମ୍ପୂର୍ଣ୍ଣ ଚେଷ୍ଟା ସହିତ ଜ୍ଞାନ ଆହରଣ କରିବେ ତେବେ ନିଶ୍ଚିତ ରୂପେ ଆପଣମାନେ ନିଜ ଜୀବନରେ ଏକ ଅସାଧାରଣ ବିପ୍ଲବ ସୃଷ୍ଟି କରିପାରିବେ ।

ସବୁବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ କରିଥିବା ପ୍ରତିଶ୍ରୁତି ଓ ବୟତ୍‌କୁ ମନେରଖନ୍ତୁ । ଏବଂ ନିଜ ଜୀବନକୁ ଶରାୟତେ ବୟତ୍ (ବୟତର ସର୍ତ୍ତାବଳୀ) ମୁତାବକ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ । ଜଣେ ଦାୟିତ୍ୱବାନ୍ ଅହେମଦୀ ମୁସଲ୍‌ମାନ୍ ରୂପେ ପ୍ରତ୍ୟେକ ମାମଲାରେ ସୁନ୍ଦର ଉଦାହରଣ ଦେଖାନ୍ତୁ । ଏବଂ ବିଶେଷ ରୂପେ ନମ୍ର ସ୍ୱଭାବ ପ୍ରଦର୍ଶନ କରନ୍ତୁ । ଅନ୍ୟମାନଙ୍କର ଭାବନାକୁ ସମ୍ମାନ ଦିଅନ୍ତୁ ଓ ସମସ୍ତଙ୍କର ଧ୍ୟାନ ରଖନ୍ତୁ । ଏତଦ୍‌ବ୍ୟତୀତ ଆପଣମାନେ ଯେକୌଣସି ଦେଶରେ ମଧ୍ୟ ରୁହନ୍ତୁ, ସେ ଦେଶ ସହିତ ଦେଶପ୍ରେମର ଉତମ ନମୁନା ପ୍ରଦର୍ଶନ କରନ୍ତୁ । ନିଜ ଦେଶ ସହିତ ପ୍ରେମ ପ୍ରଦର୍ଶନ କରନ୍ତୁ । ଏହା ଏଥିଯୋଗୁ ଯେ ଆମେ ନବୀ କରିମ ସ:ଆ:ସଙ୍କ ମୂଳ ଶିକ୍ଷା ଏହା ଯେ ନିଜ ଦେଶ ସହିତ ପ୍ରେମ କରିବା ହେଉଛି ଇମାନ୍‌ର ଏକ ଅଭିନ୍ନ ଅଂଶ ।

ଏହା ପ୍ରତ୍ୟେକ ଅହେମଦୀ ମୁସଲ୍‌ମାନ୍ ମାନଙ୍କର ମୂଳ ଦାୟିତ୍ୱ ଅଟେ ଯେ ସେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ସଂସାରର କୋଣ ଅନୁକୋଣରେ ପହଂଚାଇବେ । ମୁଁ ଆପଣମାନଙ୍କୁ ତବ୍‌ଲିଗ୍ କରିବା ବିଷୟରେ ମଧ୍ୟ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ଯେ ପ୍ରତ୍ୟେକ ଅହେମଦୀ ନିମନ୍ତେ ଏହା ଜରୁରୀ ଅଟେ ଯେ ସେମାନେ ତବ୍‌ଲିଗ୍‌ର ନୂଆ ନୂଆ ରାସ୍ତା ଏବଂ ସ୍ଥାନ ସନ୍ଧାନ କରନ୍ତୁ । ଯଦ୍ୱାରା ଆପଣମାନେ ନିଜ ଇଲାକାରେ ସବୁ ଲୋକ ପର୍ଯ୍ୟନ୍ତ ଅହେମଦୀୟତ୍‌ର ବାର୍ତ୍ତା ପହଂଚାଇପାରିବେ ।

ଅଲ୍ଲାଃତାଲାଙ୍କର ଏହା ଅଶେଷ କୃପା ଯେ ସେ ଯମାତ୍ ଅହେମଦୀୟାକୁ ଖିଲାଫତ୍ ପରି ନେମତ୍ (ପୁରସ୍କାର) ପ୍ରଦାନ କରିଛନ୍ତି । ତେଣୁ ଏବେ ଯମାତ୍‌ର ଉନ୍ନତି ବାସ୍ତବିକ୍ ରୂପେ ଇସ୍‌ଲାମ୍‌କୁ ଜୀବିତ କରିବା ଓ ସମଗ୍ର ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ଇତ୍ୟାଦି ସବୁକିଛି ଏବେ ଖିଲାଫତ୍ ସହିତ ସଲଗ୍ନ । ତେଣୁ ମୁଁ ଫିଜିର ସମସ୍ତ ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ସେମାନେ ସର୍ବଦା ଖିଲାଫତେ ଅହେମଦୀୟା ସହିତ ଯୋଡ଼ି ହୋଇ ରୁହନ୍ତୁ ଏବଂ ତା ସହିତ ପ୍ରେମର ନମୁନା ଦେଖାନ୍ତୁ । ନିୟମିତ ରୂପେ ଏମ୍.ଟି.ଏ ନିଜେ ମଧ୍ୟ ଦେଖନ୍ତୁ ଓ ନିଜ ଫ୍ୟାମିଲିର ମେମ୍ବର୍‌ମାନଙ୍କୁ ମଧ୍ୟ ଦେଖାନ୍ତୁ । ବିଶେଷ ରୂପେ ପିଲାମାନଙ୍କୁ ଏମ୍.ଟି.ଏ ଦେଖିବା ପାଇଁ ପ୍ରୋତ୍ସାହିତ କରନ୍ତୁ । ବିଶେଷ ରୂପେ ନିୟମିତ ମୋ ଖୁତ୍‌ବା ଜୁମା ଓ ଅନ୍ୟାନ୍ୟ ଅବସରରେ ମୋ ଦ୍ୱାରା ଦିଆଯାଇଥିବା ଅଭିଭାଷଣ ଗୁଡିକୁ ଶୁଣନ୍ତୁ । ଏବଂ ମୋ ଦ୍ୱାରା ଦିଆଯାଇଥିବା ହିଦାୟତ୍ (ନିର୍ଦ୍ଦେଶାବଳୀ) ଓ ନସିହତ୍ (ଉପଦେଶ) ଗୁଡିକ ଉପରେ ଅମଳ କରନ୍ତୁ । ଏକଥା ଆପଣମାନଙ୍କୁ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରାଇବ ଓ ନିଜ ଇମାନ୍‌ରେ ଦୃଢ଼ତା ସୃଷ୍ଟି କରିବା ପାଇଁ ଶକ୍ତି ପ୍ରଦାନ କରିବ । ଏହାଦ୍ୱାରା ସାରା ଦୁନିଆରେ ଆମ ଯମାତ୍‌ର ଗୋଟିଏ ହିଁ ଭାବନା, ଗୋଟିଏ ହିଁ ଉଦ୍ଦେଶ୍ୟ ଓ ଏକ ଲକ୍ଷ୍ୟକୁ ସ୍ଥାପନ କରିବାର କାରଣ ହେବ ।

ଅଲ୍ଲାଃତାଲା ଏହି ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏ ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବଂ ଅଲ୍ଲାଃତାଲା ଆମକୁ ନିଜ ଜୀବନରେ ବାସ୍ତବିକ ପରିବର୍ତ୍ତନ ଆଣିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ପୁଣ୍ୟ, ସତ୍‌କାର୍ଯ୍ୟ ଓ ନିଷ୍ଠାର ସହିତ ଇସ୍‌ଲାମ୍ ଏବଂ ମାନବିକତାର ସେବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କ ଉପରେ କୃପା କରନ୍ତୁ । ଆମିନ୍ !

ୱସ୍ ସଲାମ୍ ଖାକ୍‌ସାର୍

ମିର୍ଜା ମସ୍‌ରୁର ଅହେମଦ୍

ଖଲିଫତୁଲ୍ ମସିହିଲ୍ ଖାମିସ୍

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୧୯ ଜାନୁଆରୀ ୨୦୧୮ଙ୍କୁ ଧନ୍ୟବାଦ)

## କୃତଜ୍ଞତା ସହିତ ପ୍ରାର୍ଥନା କରିବା ନିମନ୍ତେ ନିବେଦନ

ମୋର ସାନ ଝିଅ ଅଜିଜା ନେହା ନୱାବ ଢ଼ାକା ୟୁନିଭର୍‌ସିଟିର ଗୋଟିଏ କଲେଜ୍‌ରେ ଏମ୍.ବି.ବି.ଏସ୍ କରୁଛନ୍ତି । ଅଲ୍ଲାଃତାଲାଙ୍କ ଅସୀମ କୃପା ଓ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଦୁଆର ବର୍‌କତ୍‌ରୁ ଅଜିଜା ତୃତୀୟ ବର୍ଷର ପରୀକ୍ଷାରେ ଶତକଡା ୭୬% ନମ୍ବର୍ ରଖି ସଫଳତା ହାସଲ କରିଛନ୍ତି । ଏବର୍ଷ ହେଉଛି ଏମ୍.ବି.ବି.ଏସ୍‌ର ଶେଷ ବର୍ଷ । ଏଥିରେ ପ୍ରମୁଖ ସଫଳତା ତତ୍ ସହିତ ଝିଅର ଉଜ୍ଜଳ ଭବିଷ୍ୟତ ଓ ଯମାତ୍ ନିମନ୍ତେ ହିତକାରୀ ବ୍ୟକ୍ତି ବିଶେଷ ସାବ୍ୟସ୍ତ ହେବା ନିମନ୍ତେ ଯମାତ୍ ଓ ସଦ୍ୟମାନଙ୍କ ନିକଟରେ ପ୍ରାର୍ଥନା (ଦୁଆ) କରିବା ପାଇଁ ସବିନୟ ଅନୁରୋଧ ।

**(କାରୀ ନୱାବ୍ ଅହେମଦ୍, ମ୍ୟାନେଜର୍ ସାପ୍ତାହିକ ବଦର୍ କାଦିଆନ୍)**

# ଖୁତ୍‌ବା ଜୁମା

ହଜରତ ମସିହ ମଉଦ ଆ.ସ ଏକଦା ଦୁଆର ରହସ୍ୟ ବର୍ଣ୍ଣନା କରି କହିଲେ ଗୋଟିଏ ପିଲା ଯେତେବେଳେ ଭୋକରେ ଆଉଟପାଉଟ ହୋଇ ଖିର ପାନ ନିମନ୍ତେ ଚିତ୍କାର କରେ ସେତେବେଳେ ମାଁର ସ୍ତନରୁ ଖିର ଆପେ ଝରିପଡ଼ିଥାଏ । ଛୁଆ ଦୁଆର ନାମ ମଧ୍ୟ ଜାଣିନଥାଏ କିନ୍ତୁ ତାହାର ଚିତ୍କାର ଖିରକୁ କିପରି ଟାଣିଆଣିଥାଏ । ହଜୁର ଆ.ସ କୁହନ୍ତି କେତେକ ସମୟରେ ଦେଖାଯାଇଥାଏ କି ମାଁ ଖିର ଥିବାର ଅନୁଭବ ମଧ୍ୟ କରିନଥାଏ କିନ୍ତୁ ଛୁଆର ଚିତ୍କାର ଖିରକୁ ଟାଣିଆଣିଥାଏ ତେବେ କ'ଣ ଆମେ ଅଲ୍ଲାଃଙ୍କ ନିକଟରେ ଚିତ୍କାର କଲେ ତାହା କିଛି ହେଲେ ଟାଣିଆଣି ପାରିବ ନାହିଁ ? ଆଣିଥାଏ, ସବୁକିଛି ଆଣିଥାଏ କିନ୍ତୁ ବିଦ୍ୱାନ ଓ ଦାର୍ଶନିକ ବୋଲାଥିବା ଅନ୍ଧ ବ୍ୟକ୍ତିଗଣ ତାହା କଦାପି ଦେଖି ପାରିନଥାନ୍ତି । ଆପଣ କୁହନ୍ତି ଛୁଆର ନିଜ ମାଁ ସହିତ ଯେଉଁ ନିବିଡ଼ତା ଥାଏ, ସେହି ସମ୍ପର୍କକୁ ମଣିଷ ନିଜ ଧ୍ୟାନରେ ରଖି ଦୁଆର ରହସ୍ୟ ଉପରେ ଅନୁଧ୍ୟାନ କଲେ ତାହାକୁ ବୁଝିବା ଅତ୍ୟନ୍ତ ସହଜ ଓ ସରଳ ହୋଇଯାଇଥାଏ ।

## ଦୁନିଆର ବିଭିନ୍ନ ଦେଶ ସହିତ ସମ୍ପର୍କ ରଖିଥିବା ଅହେମଦୀମାନଙ୍କର କବୁଲିୟତେ ଦୁଆ (ଦୁଆ ଗ୍ରହଣୀୟ) ହେବାର ଅନେକ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣାବଳୀର ଚର୍ଚ୍ଚା

ପାକିସ୍ତାନ୍‌ର ମୁଲାମାନଙ୍କର ହୃଦୟ ଖୁଦାତାଲାଙ୍କ ଭୟରୁ ସମ୍ପୂର୍ଣ୍ଣ ରୂପେ ଖାଲି । ଖୁଦାତାଲାଙ୍କ ନାମରେ ଖୁଦାଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକର ବିରୁଦ୍ଧାଚରଣ କରୁଛନ୍ତି । ଏବଂ ଏହି ଲୋକମାନେ ଅଟନ୍ତି ଯେଉଁମାନେ ଏହି କୌମ୍‌ରେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ଅଲ୍ଲାଃତାଲା ଏ ଜାତି ଉପରେ ଦୟା କରନ୍ତୁ ଏବଂ ଏହି ଅତ୍ୟାଚାରୀମାନଙ୍କ କବଳରୁ ଏ ଜାତିକୁ ମୋକ୍ଷ ପ୍ରଦାନ କରନ୍ତୁ ।

ମୋକରମ୍ ଚୌଧୁରୀ ନେମତୁଲା ସାହି ସାହେବ (ପୂର୍ବତନ ନାଜିମ୍ ଜାଏଦାଦ୍ ଓ ସଦର୍ ଅଞ୍ଜୁମନ୍ ଅହେମଦୀୟା ପାକିସ୍ତାନ୍) ଏବଂ ମୋକରମ୍ ଜଫ୍‌ରୁଲ୍ଲାଃ ଖାନ୍ ବୁଟର୍ ସାହେବ୍ ଅଫ୍ କରତୁ, ସେଖପୁରା ପାକିସ୍ତାନଙ୍କ ମୃତ୍ୟୁ ଓ ମରହୁମିନ୍‌ଙ୍କ ଉତମ ଗୁଣର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

**ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୬ ଜାନୁଆରୀ ୨୦୧୮ ଅନୁଯାୟୀ ୨୬ ସୁଲାହ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ଏକଦା ଦୁଆର ରହସ୍ୟ ବର୍ଣ୍ଣନା କରି କହିଲେ ଗୋଟିଏ ପିଲା ଯେତେବେଳେ ଭୋକରେ ଆଉଟପାଉଟ ହୋଇ ଖିର ପାନ ନିମନ୍ତେ ଚିତ୍କାର କରେ ସେତେବେଳେ ମାଁର ସ୍ତନରୁ ଖିର ଆପେ ଝରିପଡ଼ିଥାଏ । ଛୁଆ ଦୁଆର ନାମ ମଧ୍ୟ ଜାଣିନଥାଏ କିନ୍ତୁ ତାହାର ଚିତ୍କାର ଖିରକୁ କିପରି ଟାଣିଆଣିଥାଏ । ହଜୁର ଆ.ସ କୁହନ୍ତି କେତେକ ସମୟରେ ଦେଖାଯାଇଥାଏ କି ମାଁ ଖିର ଥିବାର ଅନୁଭବ ମଧ୍ୟ କରିନଥାଏ କିନ୍ତୁ ଛୁଆର ଚିତ୍କାର ଖିରକୁ ଟାଣିଆଣିଥାଏ ତେବେ କ'ଣ ଆମେ ଅଲ୍ଲାଃଙ୍କ ନିକଟରେ ଚିତ୍କାର କଲେ ତାହା କିଛି ହେଲେ ଟାଣିଆଣି ପାରିବ ନାହିଁ ? ଆଣିଥାଏ, ସବୁକିଛି ଆଣିଥାଏ କିନ୍ତୁ ବିଦ୍ୱାନ ଓ ଦାର୍ଶନିକ ବୋଲାଥିବା ଅନ୍ଧ ବ୍ୟକ୍ତିଗଣ ତାହା କଦାପି ଦେଖି ପାରିନଥାନ୍ତି । ଆପଣ କୁହନ୍ତି ଛୁଆର ନିଜ ମାଁ ସହିତ ଯେଉଁ ନିବିଡ଼ତା ଥାଏ, ସେହି ସମ୍ପର୍କକୁ ମଣିଷ ନିଜ ଧ୍ୟାନରେ ରଖି ଦୁଆର ରହସ୍ୟ ଉପରେ ଅନୁଧ୍ୟାନ କଲେ ତାହାକୁ ବୁଝିବା ଅତ୍ୟନ୍ତ ସହଜ ଓ ସରଳ ହୋଇଯାଇଥାଏ ।

ଅଲ୍ଲାଃତାଲାଙ୍କର ଆମ ଅହେମଦିମାନଙ୍କ ଉପରେ ଅଶେଷ କୃପା ଯେ, ଆମର ଅଧିକାଂଶ ଛୋଟବଡ଼ମାନେ ଏକଥା ବୁଝିଥାନ୍ତି କି ଯଦି ବ୍ୟାକୁଳ ଓ ନମ୍ରତାର ସହିତ ଅଶ୍ରୁ ଝରାଇ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ଦୁଆ କରାଯାଏ ତେବେ ଅଲ୍ଲାଃତାଲା ଦୁଆ ସ୍ୱୀକାର କରିଥାନ୍ତି ଏବଂ କେତେକ ସମୟରେ ଦୁଆ ସ୍ୱୀକାର ହେବାର ଏଭଳି ଘଟଣାମାନ ଦେଖିବାକୁ ମିଳିଥାଏ ଯାହାକି ଅଣମୁସଲମାନମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥାଏ । କେତେକ (ବିଶ୍ୱାସ ବର୍ଦ୍ଧକ) ଘଟଣାମାନ ବିଭିନ୍ନ ରିପୋର୍ଟରେ ବର୍ଣ୍ଣିତ ରହିଥାଏ, ଯାହାକି ବର୍ତମାନ ଏଠାରେ ମୁଁ ଉପସ୍ଥାପନ କରିବାକୁଯାଉଛି ।

ନାଜିର୍ ଦାଓ୍ୱତ୍ ଇଲଲ୍ଲାଃ କାଦିଆନ ଲେଖିଛନ୍ତି ହୋଶିଆରପୁର ଜିଲାର ଅମିର ସାହେବ କହିଲେ କିଛି ବର୍ଷ ତାଙ୍କ ଗ୍ରାମ ଖେଡ଼ା ଅଛରଓ୍ୱାଲ୍‌ରେ ବର୍ଷା ନହେବା ଯୋଗୁଁ ଗ୍ରାମବାସୀମାନେ ଚିନ୍ତିତ ଥିଲେ ଏପରିକି କୂଅ ଜଳ ମଧ୍ୟ ଅତି ନିମ୍ନ ସ୍ତରରେ ପହଂଚିଯାଇଥିଲା । ସେଠାରେ ଅଧିକାଂଶ ହିନ୍ଦୁ ଧର୍ମାବଲମ୍ବୀ ରୁହନ୍ତି, ସେମାନେ ମୌଲିମ୍ ସାହେବଙ୍କୁ ଦୁଆ କରିବାକୁ କହିଲେ । ପୂର୍ବ ପଞ୍ଜାବରେ ମୌଲିମ୍‌ଙ୍କୁ ମିଆଁ ଜି କୁହନ୍ତି । ସେମାନଙ୍କର (ପ୍ରଗାଢ଼) ବିଶ୍ୱାସ ଥିଲା କି ଅହେମଦି ମୌଲିମ୍‌ଙ୍କୁ ଦୁଆ କରିବା ପାଇଁ କହିଲେ ନିଶ୍ଚିତ ବର୍ଷା ହେବ । ସେ ଯାହା ହେଉ ମୌଲିମ୍ ସାହେବ ତାଙ୍କୁ ଦୁଆ କରିବାର ଶୈଳୀ ବୁଝାଇଲେ ଏବଂ ଅଲ୍ଲାଃଙ୍କ ଗୁଣ ସମ୍ବନ୍ଧରେ ଅବଗତ କରାଇ ଦୁଆ କରାଇଲେ । ଅଲ୍ଲାଃତାଲା ଜମାଅତ ଅହେମଦିୟାର ଏହି ମୌଲିମ୍ ସାହେବଙ୍କର ଦୁଆ ସ୍ୱୀକାର କଲେ ଏବଂ ମାତ୍ର ୨/୩ ଘଣ୍ଟା ମଧ୍ୟରେ ମୁଶଳାଧାର ବର୍ଷା କରାଇ ଦୁଆ ସ୍ୱୀକାର କରିବାର ପ୍ରମାଣ ଦେଲେ । **ଏହି ଘଟଣା ସମ୍ପୂର୍ଣ୍ଣ ଅଂଚଳରେ ଗଭୀର ପ୍ରଭାବ ପକାଇଲା ଏବଂ ଗ୍ରାମବାସୀମାନେ ମୁକ୍ତ ଶ୍ୱରରେ କହିଲେ ଅହେମଦିମାନଙ୍କ ଦୁଆ ଯୋଗୁଁ ବର୍ଷା ହେଲା ।**

ହଜୁର ଅନଓ୍ୱର ଅ.ବ କହିଲେ- କେତେକ ସ୍ଥାନରେ ବର୍ଷା ହେବା ଅଲ୍ଲାଃଙ୍କ ସାହାଯ୍ୟ ଓ (ଦୁଆ) ସ୍ୱୀକାର କରିବା ଗୁଣର ନିଦର୍ଶନ ପାଲଟିଯାଇଥାଏ । ଆଉ କେତେକ ସ୍ଥାନରେ ବର୍ଷାର ଥମିଯିବା ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖାଇଥାଏ । ଅନ୍ୟମାନେ ଇସଲାମ ସ୍ୱୀକାର କରନ୍ତୁ ଅବା ନକରନ୍ତୁ କିନ୍ତୁ ଏଥିରେ ନିଶ୍ଚିତ ରୂପେ ଏକମତ ହୋଇଥାନ୍ତି ଯେ, **ଇସଲାମ ଉପସ୍ଥାପନ କରୁଥିବା ଅଲ୍ଲାଃ ଦୁଆ ସ୍ୱୀକାରକାରୀ ଅଟନ୍ତି ।**

ଗିନି ବସାଓ୍ୱର ମୌଲିମ୍ ସାହେବ ଲେଖିଛନ୍ତି ଏକଦା ଆମେ ସିନ୍ ଟାଙ୍ଗ କାଙ୍ଗସା ଗ୍ରାମକୁ ପ୍ରଚାର ନିମନ୍ତେ ଗଲୁ ଏବଂ ସେଠାକାର ଲୋକମାନଙ୍କୁ ଏକତ୍ରିତ କରି ଜମାଅତର ବାର୍ତା ପ୍ରଦାନ କଲୁ । ଯେତେବେଳେ ସେମାନଙ୍କୁ ଜମାଅତ ସମ୍ବନ୍ଧରେ ଅବଗତ କରାଉଥିଲୁ ସେହି ସମୟରେ ମୁଶଳାଧାର ବର୍ଷା ଆରମ୍ଭ ହୋଇଗଲା ଏବଂ ବର୍ଷାର ଶବ୍ଦରେ ମୋ କଣ୍ଠଶ୍ୱର ଲୋକମାନଙ୍କ ନିକଟରେ ପହଂଚି ପାରୁନଥିଲା ।

ଏପରି ଜଣାଯାଉଥିଲା କି ସମସ୍ତେ ଏହି କ୍ଷଣି ଫେରିଯିବେ । ସେହି ସମୟରେ ମୁଁ ଦୁଆ କଲି ହେ ଅଲ୍ଲାଃ ! ଏହି ବର୍ଷା ମଧ୍ୟ ତୁମର ଏବଂ ଯେଉଁ ବାର୍ତା ନେଇ ମୁଁ ଏଠାକୁ ଆସିଅଛି ତାହା ମଧ୍ୟ ତୁମର କିନ୍ତୁ ବର୍ଷା ଯୋଗୁଁ ଲୋକମାନେ ତୁମ ବାର୍ତା ଶୁଣିପାରୁନାହାନ୍ତି ଏବଂ ଉଠିବାକୁ ହେଲେଣି । ସେ କୁହନ୍ତି ଦୁଆ କରିବାର ବିଳମ୍ବ ଥିଲା କି ବର୍ଷା ଥମିଗଲା, ସେ କୁହନ୍ତି ସେଠାରେ ଉପସ୍ଥିତ ୧୫୦ଜଣ ଲୋକଙ୍କ ମଧ୍ୟରେ ପ୍ରଚାର କରାଗଲା ଏବଂ **ଅଲହମଦୋଲିଲ୍ଲାଃ** ପ୍ରଚାର ପରେ ସମସ୍ତେ ଲୋକେ ବୟତ କରିବାର ସୌଭାଗ୍ୟ ଅର୍ଜନ କଲେ ।

ଏଠାରେ ବର୍ଷା ଥମିବାର ଦୁଆ କରିବା ଅନ୍ତେ ବର୍ଷା ଥମିଯିବା ଯେଉଁସ୍ଥଳେ ମୌଲିମ୍ ସାହେବଙ୍କ ବିଶ୍ୱାସ ସୁଦୃଢ କଲା ସେହିସ୍ଥଳେ ସେହି ଲୋକମାନେ ଦୁଆ ସ୍ୱୀକାରକାରୀ ଅଲ୍ଲାଃଙ୍କୁ ଦେଖିନେଲେ । ଲୋକମାନେ କହୁଛନ୍ତି ଅଲ୍ଲାଃଙ୍କୁ କିଭଳି ଦେଖିବା, ଅଲ୍ଲାଃ ଏହିପରି ନିଦର୍ଶନ ଦେଖାଇ ନିଜ ଅସ୍ତିତ୍ୱର ପ୍ରମାଣ ଦେଇଥାନ୍ତି । ସେହି ଲୋକମାନେ ଯେ ବର୍ଷା ଯୋଗୁଁ ଉଠି ଫେରିଯାଉଥିଲେ ଅଲ୍ଲାଃଙ୍କ କୃପା ଦେଖି କେବଳ ବସିରହିଲେ ନାହିଁ ବରଂ ଅହେମଦିୟତ୍ ଓ ପ୍ରକୃତ ଇସଲାମକୁ ସ୍ୱୀକାର କରିନେଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ପାଗ ପରିବର୍ତନ ହେବା ବିଷୟ ବସ୍ତୁରୁ ହଟି ଦୁଆ ସ୍ୱୀକାର ହେବାର କେତେକ ଘଟଣା ଉପସ୍ଥାପନ କରୁଅଛି । ଆମର ଅଲ୍ଲାଃ କେବଳ ପାଗ ପରିବର୍ତନକାରୀ ଅଲ୍ଲାଃ ନୁହନ୍ତି ବରଂ ସ୍ୱତନ୍ତ୍ର ସ୍ୱାଧିନ ଓ ସମସ୍ତ ପ୍ରକାର ଦୁଆ ସ୍ୱୀକାରକାରୀ ଅଲ୍ଲାଃ ଅଟନ୍ତି । ତାଙ୍କର ଅଗଣିତ ସୁଗୁଣ ରହିଛି ଯାହାର ସେ ନିଦର୍ଶନ ଦେଖାଇଥାନ୍ତି ।

ବେନିନ୍‌ର ମୌଲିମ୍ ଶ୍ରୀମାନ ମତିନ୍ ସାହେବ କୁହନ୍ତି କିଛି ଦିନ ପୂର୍ବେ ଜଣେ ନୂତନ ଅହେମଦି ଆସି କହିଲେ ମୌଲିମ୍ ସାହେବ ଆମ ଘରକୁ ଆସନ୍ତୁ, ମୋ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଜଟିଳ ରହିଛି । ମୌଲିମ୍ ସାହେବ କୁହନ୍ତି ମୁଁ ନିଜ ପତ୍ନୀଙ୍କୁ ସାଥିରେ ନେଇ ତାଙ୍କ ଘରକୁ ଗଲି କାରଣ ତାଙ୍କ ପତ୍ନୀ ଆସନ ପ୍ରସବା ଥିଲେ ଏବଂ ସେ ଅତ୍ୟଧିକ ଜ୍ୱରରେ ମଧ୍ୟ ପିଡ଼ିତ ଥିଲେ, ଜ୍ୱର ଯୋଗୁଁ ତାଙ୍କର ଗର୍ଭାଶୟ ସଙ୍କୁଚିତ ହୋଇଯାଇଥିଲା ଯଦ୍ୱାରା ଛୁଆ ଜନ୍ମ ହୋଇ ପାରୁନଥିଲା । ସେ କହିଲେ ପୂର୍ବେ ମଧ୍ୟ ତାଙ୍କର ଦୁଇଥର ଏପରି ହୋଇସାରିଥିଲା କିନ୍ତୁ ମା'କୁ ଜୀବିତ ରଖିବା ନିମନ୍ତେ ତାଙ୍କୁ ନିଜ ସନ୍ତାନର ବଳିଦାନ ଦେବାକୁ ପଡ଼ିଥିଲା ଏବଂ ତୃତୀୟ ଥର ମଧ୍ୟ ସମାନ ପରିସ୍ଥିତି ହୋଇଛି । ମୌଲିମ୍ ସାହେବ କହିଲେ ଏପରି ଅବସ୍ଥାରେ ଆମେ ଚିକିତ୍ସା କରିବା ସହିତ ଦୁଆ ମଧ୍ୟ କରିଥାଉ । ସେ କୁହନ୍ତି ଅତଃ ମୁଁ ଅଲ୍ଲାଃଙ୍କ ପବିତ୍ର ନାମ ନେଇ ହଜୁର ସ.ଆଙ୍କୁ ସମ୍ବୋଧିତ କରି (ଅଲ୍ଲାଃଙ୍କ ନିକଟରେ) ଦୁଆ କରିବା ଆରମ୍ଭ କରିଦେଲି, ଶେଷରେ ସୁରେ ଫାତିହା ପାଠ କରି ପାଣିକୁ ଫୁଙ୍କି ଉକ୍ତ ମହିଳାଙ୍କୁ ପିଆଇ ଦେଲି । **ସେ କୁହନ୍ତି ଏପରି ମୁଁ ୨/୩ ଥର କଲି ତୃତୀୟ ଥର ତାଙ୍କର ସ୍ୱାମୀ ଅତି ପ୍ରସନ୍ନତାର ସହିତ ଆସି କହିଲେ ଅଲ୍ଲାଃତାଲା ମୋ ପତ୍ନୀଙ୍କୁ ବଂଚାଇବା ସହିତ ଏକ ପୁତ୍ର ମଧ୍ୟ ପ୍ରଦାନ କଲେ ।** ବର୍ତମାନ ସେହି ନୂତନ ଅହେମଦିଙ୍କ ବିଶ୍ୱାସ ଅଲ୍ଲାଃ ଓ ଦୁଆ ସ୍ୱୀକାର ହେବା ଉପରେ ବେଶ୍ ବଢ଼ିଯାଇଛି । ସେହି ଦିନଠାରୁ ସେ ମଧ୍ୟ ଅତ୍ୟନ୍ତ ନମ୍ର ଓ ସାଳିନତାର ସହିତ ଦୁଆ କରୁଛନ୍ତି ।

ସେହିପରି କର୍ଣ୍ଣାଟକ (ଭାରତରୁ) ଜିଲଇ ଅମିର ସାହେବ ଲେଖିଛନ୍ତି ସ୍ଥାନୀୟ ଅଂଚଳର ଜଣେ ସଦର ସାହେବଙ୍କୁ Brain tumour ହୋଇଗଲା । ତାଙ୍କୁ ଚିକିତ୍ସାଳୟରେ ଦାଖଲ କରିବାରୁ ଡ଼ାକ୍ତର କହିଲେ ତାଙ୍କର ସୁସ୍ଥ ହେବା ଅସମ୍ଭବ । Operation କଲେ ପ୍ରାଣ ହାନି ଘଟିପାରେ, ସେ ସଙ୍ଗେସଙ୍ଗେ ମୋ ନିକଟକୁ ଦୁଆ ନିମନ୍ତେ ପତ୍ର ଲେଖିଲେ ଏବଂ ମୋର ଉତର ମଧ୍ୟ ଗଲା କି ଅଲ୍ଲାଃତାଲା ଆପଣଙ୍କୁ ସ୍ୱାସ୍ଥ୍ୟବାନ କରନ୍ତୁ । ସେ କୁହନ୍ତି ମାସେ ପରେ ଡ଼ାକ୍ତରମାନେ ମୋର ପୁନଃ ପରୀକ୍ଷା କରି ଆଚମ୍ଭୀତ ରହିଗଲେ କାରଣ Brain tumour**ର ଚିହ୍ନବର୍ଣ୍ଣ ନଥିଲା** । ଏହା କେବଳ ମାତ୍ର ଅଲ୍ଲାଃତାଲାଙ୍କର କୃପା ଥିଲା ଏବଂ ଦୁଆର ପରିଣାମ କି ହୁସେନ୍ ସାହେବ ସମ୍ପୂର୍ଣ୍ଣ ରୂପେ ସ୍ୱାସ୍ଥ୍ୟବାନ ହୋଇଗଲେ ।

ଗିନି କନାକରିର ମୁବଲିଗ୍ ସାହେବ ଲେଖିଛନ୍ତି ଜଣେ ନିଷ୍ପାପର ନୂତନ ଅହେମଦି ଶ୍ରୀମାନ ସୁଲେମାନ ସାହେବ ନିଜ ମନବାଂଛା ପ୍ରକାଶ କରି କହିଲେ ମୁଁ ନିଜକୁ ଉତ୍ସର୍ଗ କରି ଜମାଅତର ସେବା କରିବାକୁ ଚାହେଁ । ସୁତରାଂ ଆମେ ତାଙ୍କୁ ସେରେଲିଓ୍ୱନ୍‌ର ଜାମିୟା ଅହେମଦିୟାରେ ଶିକ୍ଷା ହାସଲ କରି ଜମାଅତର ସେବା କରିବାକୁ ପରାମର୍ଶ ଦେଲୁ । ସେ ତାହାକୁ ମୁକ୍ତ ହୃଦୟର ସହିତ ସ୍ୱୀକାର କରି ଜାମିୟାରେ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ସେ କୁହନ୍ତି ଆମେ ତାଙ୍କ ପିତାମାତା ଯେ କି ଏପର୍ଯ୍ୟନ୍ତ ଅହେମଦି ହୋଇନାହାନ୍ତି, ତାଙ୍କ ଅନୁମତି ନିମନ୍ତେ ମିଶନ୍ ହାଉସ ଡ଼ାକାଇଲୁ । ସେମାନେ ଏହି ପ୍ରସ୍ତାବ ଶୁଣିବା ପରେ ପ୍ରସନ୍ନିତ ହେଲେ ଏବଂ ଦୁଇ ଦିନପରେ ନିଜ ମତ ପ୍ରକାଶ କରିବାର କହିଗଲେ । ଫେରିବା ପରେ ସେ ନିଜ ମୌଲବିଙ୍କ ସହ ପରାମର୍ଶ କଲେ ଯେ ତାଙ୍କୁ ଭ୍ରମିତ କରିଦେଲେ ଏବଂ ଆମ ବିରୋଧରେ ମୁକଦ୍ଦମା କରିଦେଲେ କି ଜମାଅତ ଅହେମଦିୟା ଗୋଟିଏ ଅଣମୁସଲମାନ ଓ କଠୋରତାବାଦୀ ଜମାଅତ ଅଟେ । ଏମାନେ ପିଲାମାନଙ୍କୁ ଭ୍ରମିତ କରି ତାଙ୍କୁ କଠୋରତାବାଦୀ କରୁଛନ୍ତି । ସେ କୁହନ୍ତି ଏଥିରେ ଆମକୁ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଲା ଏବଂ ମୋ ନିକଟକୁ ସେ (ଦୁଆ ନିମନ୍ତେ) ପତ୍ର ମଧ୍ୟ ଲେଖିଥିଲେ । ସେ ଯାହା ହେଉ ମୁଁ ତାଙ୍କୁ ଉତର ଲେଖିଥିଲି ଆପଣମାନେ ଚେଷ୍ଟା ଓ ଦୁଆ କରନ୍ତୁ, ଅଲ୍ଲାଃ ନିଜର କୃପା ପ୍ରଦାନ କରିବେ । ସେ କୁହନ୍ତି ଯେତେବେଳେ ପୋଲିସ୍ ନିଜର ଅନୁସନ୍ଧାନ କଲା ଏବଂ ଜମାଅତ ସମ୍ବନ୍ଧରେ ତାଙ୍କୁ ଅବଗତ କରାଗଲା ଓ ଆମର ପତ୍ରିକା ତାଙ୍କୁ ଦିଆଗଲା ସେତେବେଳେ ପୋଲିସ ଅଧକ୍ଷ କେବଳ ଉକ୍ତ କେସ୍‌କୁ ଖାରଜ କଲେ ନାହିଁ ବରଂ କହିଲେ କି ମୋତେ ତ ଏମାନଙ୍କ ଇସଲାମ ଅଧିକ ସଠିକ୍ ଓ ଶାନ୍ତିପୂର୍ଣ୍ଣ ମନେହେଉଛି । **ସେ ଆହୁରି କହିଲେ କି ମୋତେ (ଜମାଅତ ସମ୍ବନ୍ଧରେ) ଅଧିକ ଅବଗତ କରାନ୍ତୁ, ମୁଁ ଏହି ଜମାଅତରେ ସାମିଲ୍ ହେବାକୁ ଚାହୁଁଛି ।**

ଅଲ୍ଲାଃତାଲା କିଭଳି ଅହେମଦିମାନଙ୍କ ଦୁଆ ସ୍ୱୀକାର କରିବା ମାଧ୍ୟମରେ ବିଶ୍ୱାସକୁ ସୁଦୃଢ ଓ ଖିଲାଫତ୍ ଉପରେ ବିଶ୍ୱାସ ପ୍ରତିଷ୍ଠିତ କରିଥାନ୍ତି । ସେଥିସମ୍ବନ୍ଧରେ ମାଲିର ଇଦରିସ୍ ତରାଓ୍ୱେ ସାହେବ ନିଜର ଏକ ଘଟଣା ଲେଖିଛନ୍ତି କି ୨୦୦୮ ମସିହାରେ ଖିଲାଫତ୍ ଜୁବଲି ଜଲସାରେ ମୁଁ ଯୋଗଦେଇଥିଲି । ସେତେବେଳେ ମୁଁ କୁକୁଡ଼ା ବ୍ୟବସାୟ କରୁଥିଲି । କିନ୍ତୁ ଜଲସାରେ ଯୋଗଦେବା ପାଇଁ କୁକୁଡ଼ାମାନଙ୍କୁ ଛାଡ଼ି ଘାନା ଚାଲିଗଲି ଏବଂ ମୋ ପଛରେ ସମସ୍ତ କୁକୁଡ଼ା ମରିଗଲେ । ଏହି ବ୍ୟବସାୟ ନିମନ୍ତେ ମୁଁ ଯେଉଁ ବ୍ୟକ୍ତିଠାରୁ କରଜ ନେଇଥିଲି ଯେତେବେଳେ ସେ ଏକଥା ଜାଣିଲେ କି ମୁଁ ଅହେମଦି ଅଟେ ଏବଂ ଅହେମଦିମାନଙ୍କ ଜଲସାରେ ଯୋଗଦେବାକୁ ଯାଇଥିବା ଯୋଗୁଁ କୁକୁଡ଼ାମାନଙ୍କ (ରକ୍ଷାଣ ବେକ୍ଷଣରେ ଅଭାବ ହେତୁ) ମରିଗଲେ । ସେ ବିରୁଦ୍ଧାଚରଣରେ ଅନ୍ଧ ହୋଇ ମୋ ନିକଟକୁ ଖବର ଦେଲା କି ଏକ ସପ୍ତାହ ମଧ୍ୟରେ ମୋର ଏକ ଲକ୍ଷ ପଚାସ ହଜାର ଫ୍ରାଙ୍କ ସିଫା ଫେରସ୍ତ କର । ସେ କୁହନ୍ତି ଏଥିରେ ମୁଁ ଅତ୍ୟନ୍ତ ଚିନ୍ତାରେ ପଡ଼ିଗଲି କାରଣ ମୋ ନିକଟରେ ଅର୍ଥ ନଥିଲା । ବର୍ତମାନ ସେହି ବିରୋଧି ମୋତେ (ସମସ୍ତଙ୍କ ସମ୍ମୁଖରେ) ଅପମାନିତ କରିବ ସେ କୁହନ୍ତି ମୁଁ (ସେହିଦିନ) ସାରା ରାତି ଦୁଆ କରିବାରେ ଅତିବାହିତ କଲି କି ହେ ଅଲ୍ଲାଃ ! ମୋ ପାଇଁ କିଛି ବ୍ୟବସ୍ଥା କରିଦିଅ ମୁଁ ତ ଖଲିଫାଙ୍କ ପ୍ରେମରେ ଜଲସାରେ ଯୋଗଦେବାକୁ ଯାଇଥିଲି । ସେ କୁହନ୍ତି ମୋତେ ସ୍ୱପ୍ନରେ ଦେଖାଗଲା କି ଗୋଟିଏ ଟ୍ରକରୁ କିଛି ଶସ୍ୟ ପଡ଼ିଯାଇଛି ଯାହାକୁ ମୁଁ ଏକତ୍ରିତ କରୁଅଛି । ସେ ଲେଖିଛନ୍ତି ସକାଳୁ ସକାଳୁ ମୁଁ ସେହିସ୍ଥାନକୁ ଚାଲିଗଲି ସେଠାରେ କୌଣସି ଟ୍ରକ ତ ନଥିଲା କିନ୍ତୁ କିଛି ଶସ୍ୟ ପଡି ରହିଥିଲା ଯାହାକୁ ମୁଁ ଏକତ୍ରିତ କରିବା ଆରମ୍ଭ କରିଦେଲି ହଠାତ୍ ସେଥିରୁ ମୋତେ ଏକ କଳା ରଙ୍ଗର ପ୍ଲାଷ୍ଟିକ୍ ଥଳି ମିଳିଲା ତାହାକୁ ଖୋଲିବାରୁ ଦେଖିଲି ଯେ ସେଥିରେ ଏକ ଲକ୍ଷ ୮୦ହଜାର ଫ୍ରାଙ୍କ ସିଫା ରହିଛି । ମୁଁ ସେହି ଅଂଚଳର ଲୋକମାନଙ୍କୁ ପଚାରିବାରୁ ଜାଣିବାକୁ ପାଇଲି କି (ଗତ ରାତିରେ) ଏଠାରେ ଗୋଟିଏ ଟ୍ରକ ଛିଡ଼ା ହୋଇଥିଲା ଯେ ବର୍ତମାନ ସିନେଗାଲ୍ ଦିଗରେ ଯାତ୍ରା କରିଛି । ମୁଁ ଲୋକମାନଙ୍କୁ କହିଲି ମୋତେ ଏପରି ଏଠାରୁ ଏତେ ଟଙ୍କା ମିଳିଅଛି ଯଦି କୌଣସି ଭାଇର ହୋଇଥାଏ ତେବେ ସେ ନେଇଯାଇପାରେ କିନ୍ତୁ କେହି ଆସିଲେ ନାହିଁ । କିନ୍ତୁ ସେହି କରଜଦାତା ଆସି ଯେତେବେଳେ ଅସଭ୍ୟ ଆଚରଣ କରିବା ଆରମ୍ଭ କରିଦେଲା ସେତେବେଳେ ମୁଁ ତାକୁ କହିଲି ଧର୍ଯ୍ୟ ରଖ ମୁଁ ତୁମର କରଜ ପରିଶୋଧ କରିଦେଉଛି । ଅଲ୍ଲାଃତାଲା ମୋ ପାଇଁ ବ୍ୟବସ୍ଥା କରିଦେଇଛନ୍ତି ଏବଂ ମୁଁ ତାହାକୁ ସେହି ଅର୍ଥ ପ୍ରଦାନ କରିଦେଲି । **ସେ କୁହନ୍ତି ଏହି ଘଟଣାକୁ ବହୁ ବର୍ଷ ବିତିଗଲାଣି କିନ୍ତୁ ଏପର୍ଯ୍ୟନ୍ତ ସୁଧା ଉକ୍ତ ରାଶିର କେହି ହେଲେ ମାଲିକ ଥିବାର ଘୋଷଣା କରିନାହାନ୍ତି ।**

ହଜୁର ଅନଓ୍ୱର ଅ.ବ କହିଲେ- କିଛି ଘଟଣା ଅଟେ ଦୁଆ ସ୍ୱୀକାର ହେବାର ହଜରତ ମସିହ ମଉଦ ଆ.ସ କୁହନ୍ତି ପ୍ରକୃତିର ନିୟମରେ ଦୁଆ ସ୍ୱୀକାର ହେବାର ନିଦର୍ଶନ ରହିଛି । ସେହି ନିୟମ ଅନୁଯାୟୀ ପ୍ରତ୍ୟେକ ଯୁଗରେ ଅଲ୍ଲାଃତାଲା ଜୀବନ୍ତ ଉଦାହରଣ ଦେଖାଇଥାନ୍ତି ଏବଂ ଯଦି ଦୁଆ ସ୍ୱୀକାର ହେବାର ଜୀବନ୍ତ ଦୃଷ୍ଟାନ୍ତର ଭାଗୀଦାର ହେବାକୁ ଇଚ୍ଛୁକ ତେବେ କେତେକ ଆବଶ୍ୟକତା ଓ ସର୍ତ ରହିଛି ଯାହାର ପୂରଣ କରିବା ଅତି ଜରୁରୀ ଅଟେ । ଦୁଆ ନିମନ୍ତେ ପ୍ରଥମ ଆବଶ୍ୟକୀୟ ଜିନିଷ ଉତମ ଅମଲ ଓ ବିଶ୍ୱାସ ଉତ୍ପନ୍ନ କରିବା ଅନିର୍ବାର୍ଯ୍ୟ । ଯେ ନିଜ ବିଶ୍ୱାସକୁ ସଂଶୋଧନ

କରିନଥାଏ ଏବଂ ଉତମ ଅମଲ ସମ୍ପାଦନ କରିନଥାଏ ତଥା ତାହାକୁ ପରିମାର୍ଜିତ କରିନଥାଏ ତେବେ ତାହାର ଦୁଆ କରିବା ଅଲ୍ଲାଃଙ୍କ ପରୀକ୍ଷା ନେବା ଅଟେ । ଅତଃ ଯେଉଁସ୍ଥଳେ ବିଶ୍ୱାସକୁ ସୁଦୃଢ଼ କରିବା ଜରୁରୀ ସେଠାରେ ଅମଲ ମଧ୍ୟ ଅଲ୍ଲାଃଙ୍କ ପ୍ରସନ୍ନତା ଓ ଆଦେଶ ମୁତାବକ କରିବା ମଧ୍ୟ ଜରୁରୀ ଅଟେ । ଏପରି ହୋଇପାରିବ ନାହିଁ କି ଆମେ ଅଲ୍ଲାଃଙ୍କ ଆଦେଶ ମୁତାବକ ପାଂଚ ବେଳା ନମାଜ ପାଠ କରିବା ନାହିଁ ଏବଂ ଲୋକମାନଙ୍କ ମୌଳିକ ଅଧିକାର ପ୍ରଦାନ କରିବାରେ ମଧ୍ୟ ସୀମାଲଙ୍ଘନ କରିବା ଏବଂ ଯେତେବେଳେ ଦୁଃଖ ପଡ଼ିବ ସେତେବେଳେ ଆମେ ଅଲ୍ଲାଃ ଓ ଲୋକମାନଙ୍କ କର୍ତବ୍ୟ ସମ୍ପାଦନ କରିବା କଥା ମନେପକାଇବା । **ସର୍ବପ୍ରଥମେ ଆମକୁ ନିଜ ଅବସ୍ଥାରେ ଉନ୍ନତି ଆଣିବାକୁ ହେବ ।** କେବଳ ବିଶ୍ୱାସକୁ ସୁଧାରିଦେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇନଥାଏ । ଯେପର୍ଯ୍ୟନ୍ତ ଉତମ କର୍ମ ସମ୍ପାଦନ କରିନାହିଁ ଏବଂ ଉତମ କର୍ମ ଏହି କି ଯେ, ଅଲ୍ଲାଃ ଓ ତାଙ୍କ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବା । ଏପରି ଅମଲକାରୀର ଅଲ୍ଲାଃତାଲା ଦୁଆ ସ୍ୱୀକାର କରିଥାନ୍ତି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ତାଙ୍କ ଆଦେଶ ମୁତାବକ ନିଜ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସର୍ବଦା ଉପାସନା ଓ ଦୁଆର କର୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ନମାଜ ଜୁମା ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ମଧ୍ୟ ପାଠ କରିବି ପ୍ରଥମ ଜନାଯାଃ ଶ୍ରୀମାନ ଚୌଧରୀ ନେମତୁଲ୍ଲାଃ ସାହି ସାହେବଙ୍କର ଅଟେ । ଚଳିତ ମାସ ୧୫ ତାରିଖ ଦିନ କାନେଡ଼ାରେ ତାଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ ବଂଶରେ ଅହେମଦିୟତ୍ ହଜରତ ହୁସେନ୍ ବିବି ସାହେବାଃ ମାତା ଶ୍ରୀମାନ ଚୌଧରୀ ଜଫରୁଲ୍ଲାଃ ଖାଁ ସାହେବଙ୍କ ମାଧ୍ୟମରେ ପ୍ରବେଶ କରିଥିଲା । ସେ କାଦିଆନ ଯାଇ ବୟତ କରିଥିଲେ । ଚୌଧରୀ ସାହେବଙ୍କୁ ଜମାଅତର ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା, ସେ ଜିଲା ହାଇଦ୍ରାବାଦର ଅମିର, ଅନସାରୁଲ୍ଲାଃ ହାଇଦ୍ରାବାଦର ନାଜିମ୍, ଖୁଦାମୁଲ୍ ଅହେମଦିୟା ହାଇଦ୍ରାବାଦର କାଏଦ୍, ନାଜିମ୍ ଜାଏଦାଦ୍ ତଥା ସଦର ଅଞ୍ଜୁମନ୍ ଅହେମଦିୟା ରବୱା ପାକିସ୍ତାନ ମଧ୍ୟ ଥିଲେ । ବାଲ୍ୟାବସ୍ଥାରୁ ନିୟମିତ ଭାବରେ ତହଜୁଦ୍ ପାଠ କରିବା ଓ ଅନ୍ତିମ ସମୟ ପର୍ଯ୍ୟନ୍ତ ଏଥିପ୍ରତି ପ୍ରୟାସରେ ରହୁଥିଲେ କି କିଭଳି ନିୟମିତ ଭାବରେ ବାଜମାଅତ ନମାଜ ପାଠ କରିବି । ଅତ୍ୟନ୍ତ ଧର୍ଯ୍ୟବାନ ଓ କୃତଜ୍ଞ ବ୍ୟକ୍ତିତ୍ୱ ଥିଲେ । ଅନ୍ୟମାନଙ୍କ କଷ୍ଟ ଦୂର କରିବା ପ୍ରତି ସର୍ବଦା ଯତ୍ନବାନ ରହୁଥିଲେ, ନିଜ ଉପରେ ନିୟନ୍ତ୍ରଣ ରଖିବା, ଅତ୍ୟନ୍ତ ଧିରସ୍ଥିର ଓ ଶାନ୍ତ ସ୍ୱଭାବର ଅଧିକାରୀ ଥିଲେ । ସାଧାରଣ ରୋଗବ୍ୟାଧି କିମ୍ବା କଷ୍ଟର କଦାପି ଖାତିର କରୁନଥିଲେ । ଚାକିରୀ ସମୟକାଳରେ ତାଙ୍କୁ ବେଶ୍ ବଡ଼ ଅଙ୍କର ବେତନ ମିଳୁଥିଲା ତଥାପି ସେ ତାହାକୁ ନିଜ ଉପରେ ଅଧିକ ଖର୍ଚ୍ଚ କରିନଥିଲେ । ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରିରେ ସେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ । ନିଜ ସନ୍ତାନମାନଙ୍କୁ ସର୍ବଦା ଖଲିଫାଙ୍କୁ (ଦୁଆ ପାଇଁ) ପତ୍ର ଲେଖିବା ନିମନ୍ତେ ନିର୍ଦ୍ଦେଶ ଦେଉଥିଲେ । ତାଙ୍କର ତିନି ଜଣ କନ୍ୟା ଓ ଦୁଇ ଜଣ ପୁତ୍ର ସନ୍ତା ଅଛନ୍ତି । ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ଅଲ୍ଲାଃତାଲା (ବୈକୁଣ୍ଠରେ) ତାଙ୍କ ସ୍ତର ବୃଦ୍ଧି କରିବା ସହିତ ତାଙ୍କ ସନ୍ତାନମାନଙ୍କୁ ତାଙ୍କର ପୁଣ୍ୟକର୍ମକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାଯାଃ ଜଫରୁଲ୍ଲାଃ ଖାଁ ବଡ଼୍ ସାହେବ କରତୁ ଶେଖୁପୁରାଙ୍କର ଅଟେ । ତାଙ୍କର ଦେହାନ୍ତ ଚଳିତ ମାସ ୯ ତାରିଖରେ ଘଟିଲା **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ ।** ସେ ଜନ୍ମିତ ଅହେମଦି ଥିଲେ । ତାଙ୍କ ପିତା ଚୌଧରୀ ଅଲ୍ଲାଃଦତା ସାହେବ ୧୯୨୮ ମସିହାରେ ଅହେମଦିୟତ୍ ସ୍ୱୀକାର କରିଥିଲେ । ନିଜ ଗ୍ରାମ କରତୁ ଜିଲା ଶେଖୁପୁରାରେ ତାଙ୍କୁ ସଦର ଜମାଅତ ଭାବରେ ସେବା କରିବାର ଅବସର ପ୍ରାପ୍ତ ହୋଇଥିଲା । ନିୟମିତ ଭାବରେ ନମାଜ ତହଜୁଦ୍ ପାଠ କରିବା, ପାଂଚ ବେଳା ନମାଜ ପାଠ କରିବା, ନିୟମିତ ଭାବରେ ଖୁତବା ଶୁଣିବା ତଥା ନିୟମିତ ଭାବରେ ଚାନ୍ଦା ଦେବା ନମ୍ର ସ୍ୱଭାବି ବ୍ୟକ୍ତିତ୍ୱ ଥିଲେ । ତାଙ୍କର ତିନି ଜଣ କନ୍ୟା ଓ ତିନି ଜଣ ପୁତ୍ର ସନ୍ତାନ ଅଛନ୍ତି । ଅଲ୍ଲାଃତାଲା ତାଙ୍କର ପୁଣ୍ୟକର୍ମକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଜାରି ରଖନ୍ତୁ ଏବଂ ଯେଉଁ ଉତ୍ସାହ ଓ ମନବାଂଛାର ସହିତ ସେ ନିଜ ପୁତ୍ରକୁ ଉତ୍ସର୍ଗ କରିଥିଲେ, ଅଲ୍ଲାଃତାଲା ତାଙ୍କ ପୁତ୍ରକୁ ମଧ୍ୟ ବାସ୍ତବରେ ୱକଫର ମର୍ମ ବୁଝି କାର୍ଯ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ମୃତକଙ୍କୁ (ବୈକୁଣ୍ଠରେ) ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ଏବଂ ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ।

## ପ୍ରଥମ ଜଲସା ସାଲାନା ମାଲଟା ୧୦ ଡିସେମ୍ବର୍ ୨୦୧୭ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା ।

ବିସ୍‌ମିଲ୍ଲାଃ ହିର୍ ରହ୍‌ମା ନିର୍ ରହିମ୍

ନହମଦୁହୁ ୱନୁସଲ୍ଲି ଆଲା ରସୁଲେହିଲ୍ କରିମ୍ ୱ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍

ଖୁଦା କେ ଫଜଲ୍ ଅଓର୍ ରହମ୍ କେ ସାଥ୍ ହୁ ୱନ୍ ନାସିର୍

ପ୍ରିୟ ଯମାତ୍ ଅହେମଦୀୟା ମାଲଟା ର ସଦସ୍ୟଗଣ !

ଅସ୍‌ସଲାମେ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ

ଅଲହମ୍‌ଦୋଲିଲ୍ଲାଃ ଯମାତ୍ ଅହେମଦୀୟ ମାଲଟାକୁ ନିଜର ପ୍ରଥମ ଜଲସା ସାଲାନା ଅନୁଷ୍ଠିତ କରିବାର ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଜଲସାର ସମସ୍ତ ବ୍ୟବସ୍ଥା ଓ ଆୟୋଜନରେ ବରକତ୍ ପ୍ରଦାନ କରନ୍ତୁ ଏବଂ ଏହି ଜଲସାକୁ ପ୍ରତ୍ୟେକ କ୍ଷେତ୍ରରୁ ଉତମତା ଓ ବରକତ୍ ପ୍ରଦାନ କରନ୍ତୁ । ଆପଣମାନଙ୍କୁ ଏ ଜଲସାର ଆଧାତ୍ମିକ ବରକାତ୍‌ରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

ଅଲ୍ଲାଃତାଲାଙ୍କର ବାସ୍ତବିକ୍ ଓ ପ୍ରକୃତ ଭକ୍ତ ହେବାକୁ ହେଲେ ଏହା ଆବଶ୍ୟକ ଯେ ତା ଉପାସନାର ହକ୍ ପ୍ରଦାନ କରାଯିବ । ନମାଜ୍ ହେଉଛି ଉପାସନାର ଏକ ସୁନ୍ଦର ରୂପ । ଅଲ୍ଲାଃତାଲାଙ୍କ ସାନିଧ ପ୍ରାପ୍ତ କରିବା ପାଇଁ ଏକ ଉତମ ମାଧ୍ୟମ ଓ ଜଣେ ମୋମିନ୍‌ର ଆଧାତ୍ମିକ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଏହା ଅତି ଆବଶ୍ୟକ । ଅଲ୍ଲାଃତାଲାଙ୍କର ଉପାସନା ହିଁ ସେହି ଶକ୍ତି ଯାହା ଜରିଆରେ ଅହେମଦୀୟତ୍ ସମଗ୍ର ସଂସାରରେ ଇସ୍‌ଲାମ୍‌କୁ ବିଜୟୀ କରିବ । ତାହା ହିଁ ଏପରି ମାଧ୍ୟମ ଯାହା ଜରିଆରେ ଅହେମଦୀୟତ୍‌ର ଗାଡ଼ି ଗଡ଼ିଚାଲିଛି । ଆପଣ ଯେଉଁମାନେ ଏହି ଜଲସା ନିମନ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି, ଏ ଶପଥ କରନ୍ତୁ ଯେ ନମାଜକୁ ତାର ନିର୍ଦ୍ଧାରିତ ସମୟ ଅନୁସାରେ ପାଠ କରିବେ । ମୁଁ ପ୍ରଥମେ ମଧ୍ୟ ଏଥିପ୍ରତି ଅନେକଥର ଧ୍ୟାନ ଆକର୍ଷଣ କରାଇଛି ଯେ ଚେଷ୍ଟା କରନ୍ତୁ କି ମସ୍‌ଜିଦ୍‌ରେ ଯାଇ ବାଯମାତ୍ ନମାଜ ପଢ଼ିବେ । ଯଦି ମସ୍‌ଜିଦ୍ ନାହିଁ ତେବେ ଯେଉଁଠାରେ କିଛି ଅହେମଦୀ ଅଛନ୍ତି ସେଠାରେ ନମାଜ ସେଂଟର୍ ବନାନ୍ତୁ ଏବଂ ସେଠାରେ ସମସ୍ତ ଅହେମଦୀ ଏକାଠି ହୋଇ ନମାଜ ପାଠ କରନ୍ତୁ । ଘରେ ନିଜ ସ୍ତ୍ରୀ ପିଲାଙ୍କ ସହିତ ବାୟମାତ୍ ନମାଜ ପଢ଼ିବାର ବ୍ୟବସ୍ଥା କରନ୍ତୁ । ନିଜ ଘରକୁ ଏପରି ସଜାନ୍ତୁ ଯେ ତାହା ଇବାଦତେ ଇଲାହି (ଅଲ୍ଲାଃଙ୍କ ଉପାସନା ନିମନ୍ତେ) ରେ ପରିପୂର୍ଣ୍ଣ ହୋଇଯାଉ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ପୁଣି ଦ୍ୱିତୀୟ କଥାଟି ହେଉଛି ଏହା ଯେ ପ୍ରତ୍ୟେକ ଅହେମଦୀ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ସାମିଲ୍ ହୁଏ ସେ ଦାନି (ଧାର୍ମିକ) ଚାରିତ୍ରିକ ଓ ଜ୍ଞାନକୁ ବଢ଼ାଇବା ପାଇଁ ଗୋଟିଏ ଶପଥ କରିଥାଏ । ଆପଣମାନଙ୍କ ନିମନ୍ତେ ମୋର ଏହା ବାର୍ତା ଅଟେ ଯେ ସର୍ବଦା ଶରାୟତେ ବୟତ (ବୟତର ସର୍ତାବଳୀ) ଗୁଡ଼ିକୁ ନିଜ ସମ୍ମୁଖରେ ରଖନ୍ତୁ । ନିଜ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି କରନ୍ତୁ । ଆପଣମାନଙ୍କୁ ମିଛରୁ ବଂଚିବାକୁ ପଡ଼ିବ, ଖୟାନତ୍‌ରୁ ବଂଚିବାକୁ ହେବ, ଅହଂକାର ଗର୍ବରୁ ବଂଚିବାକୁ ପଡ଼ିବ ଓ ନିଜ ଆଧାତ୍ମିକ ସ୍ତରକୁ ବଢ଼ାଇବାକୁ ହେବ ଓ ଉପାସନାର ଉଚ୍ଚତମ ସ୍ତରକୁ ପ୍ରତିଷ୍ଠା କରିବାକୁ ହେବ ।

ଆପଣଙ୍କ ଉପରେ ଅଲ୍ଲାଃତାଲାଙ୍କର ବହୁତ ବଡ଼ ଅନୁଗ୍ରହ ଯେ ସେ ଆପଣମାନଙ୍କୁ ଖିଲାଫତ୍ ରୂପକ ନେମତ ପ୍ରଦାନ କରିଛନ୍ତି, ଯାହା ଜରିଆରେ ସବୁ ସମୟରେ ଆପଣମାନଙ୍କୁ ନିଜର ଅହ୍‌ଦେ ବୟତ (ବୟତର ପ୍ରତିଶ୍ରୁତି) ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି । ଏହି ନେମତ୍‌ର ସମ୍ମାନ କରନ୍ତୁ । ଏବଂ ତା ହିଦାୟତ୍ ଓ ମାର୍ଗଦର୍ଶକ ମୁତାବକ ନିଜ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲାକୁ ସର୍ବଦା ଭୟ କରନ୍ତୁ । ବିନମ୍ରତା ଓ ବିନୟ ସ୍ୱଭାବ ଗ୍ରହଣ କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଖିଲାଫତେ ଅହେମଦୀୟାର ପୂର୍ଣ୍ଣ ଅନୁଗାମୀ ବନାନ୍ତୁ । ଆଜ୍ଞାବହତାର ଉଚ୍ଚତମ ଉଦାହରଣ ଉପସ୍ଥାପନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆପଣଙ୍କ ସାଥିରେ ରହି ଆପଣଙ୍କ ଉପରେ ଅଗଣିତ କରୁଣା ପ୍ରଦାନ କରନ୍ତୁ । ଆମିନ୍ !

ୱସ୍‌ସଲାମ୍ ଖାକ୍‌ସାର୍

ମିର୍ଜା ମସ୍‌ରୁର୍ ଅହେମଦ୍

ଖଲିଫତୁଲ୍ ମସିହିଲ୍ ଖାମିସ୍

(ଅଖବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍

୧୯ ଜାନୁଆରୀ ୨୦୧୮ ଙ୍କୁ ଧନ୍ୟବାଦ)

ପୃଷ୍ଠା-୧୧ ର ଅବଶିଷ୍ଟାଂଶ.......

ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ମସ୍‌ଜିଦ୍ ଫଜଲ୍‌ରେ ପଦାର୍ପଣ କରି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

**୧୫ ଅଗଷ୍ଟ ୨୦୧୭ ମଙ୍ଗଳବାର**

ଆଜି ଚେୟାରମ୍ୟାନ୍ ସାହେବ୍ ହ୍ୟୁମାନ୍ ରାଇଟସ୍ କମିଟି, ଇନ୍‌ଚାର୍ଯ୍ୟ ବଙ୍ଗଳା ଡେସ୍କ୍ ଏବଂ ମୋକରମ୍ ଅମୀର୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଘାନା ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ହାସଲ କଲେ ଓ ବିଭିନ୍ନ ବିଷୟ ଉପସ୍ଥାପନ କରି ହଜୁରଙ୍କୁ ଠାରୁ ହିଦାୟତ୍ ଗ୍ରହଣ କଲେ ।

ଘାନାର ଅମୀର୍ ସାହେବ୍ ଘାନାରେ ହେବାକୁ ଥିବା ଡେଂଟାଲ୍ ହସ୍‌ପିଟାଲ୍ ସ୍ଥାପନ ପ୍ରସଙ୍ଗରେ ନିଜର ଜାଏଜା ରିପୋର୍ଟ ଉପସ୍ଥାପନ କଲେ ଓ ଏତଦ୍‌ବ୍ୟତୀତ ଘାନାରେ Dental Implantation ର ଗୋଟିଏ ପ୍ରୋଗ୍ରାମ୍ ଜାରି ଥିଲା । ଏହାକୁ ସମ୍ପୂର୍ଣ୍ଣ କରିବା ବାବଦରେ ଯେଉଁ ସବୁ କାର୍ଯ୍ୟ ହେବାକୁ ଅଛି, ଏ ବିଷୟରେ ରିପୋର୍ଟ ମଧ୍ୟ ଉପସ୍ଥାପନ କଲେ । ଉପରୋକ୍ତ ବିଷୟ ବାବଦରେ ହଜୁର୍ ଅନୁୱର୍ ଅ:ବ:ଅ କିଛି ଇନ୍ତେଜାମି ହିଦାୟତ ପ୍ରଦାନ କଲେ ।

ଘାନାରେ ଏମ୍.ଟି.ଏ ଆଫ୍ରିକା ପାଇଁ ୱହାବ୍ ଆଦମ୍ ଷ୍ଟୁଡିଓ ନିର୍ମାଣ ହୋଇଛି ଏବଂ ସେଠାରେ ନିୟମିତ ରୂପେ ଷ୍ଟାଫଙ୍କ ନିଯୁକ୍ତି କରାଯାଇଛି । ଅମୀର୍ ସାହେବ୍ ସେମାନଙ୍କର ରହିବା ନିମନ୍ତେ ଉପଦେଶ ଚାହିଁଲେ । ହଜୁର୍ ଅନୁୱର୍ ଅ:ବ:ଅଙ୍କ ଠାରୁ ଏ ବାବଦରେ ହିଦାୟତ୍ ହାସଲ କଲେ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଜମାତ୍ ନିକଟରେ ଯାଗା ଅଛି । ସେଥିରେ ଫ୍ଲାଟସ୍ ନିର୍ମାଣ କରାଯାଉ । ପ୍ରଥମେ ଯାଗା ଗୁଡିକର ଜାଏଜା ନିଅନ୍ତୁ । ପୁଣି ଯାଗା ମୁତାବକ ନକ୍‌ସା ବନାଇ ବତାନ୍ତୁ । ଫ୍ଲାଟସ୍ ନିର୍ମାଣ କରିବା ପ୍ରୋଗ୍ରାମ୍ ଏପରି ହେବା ଉଚିତ୍ ହେବ ଯେ ପ୍ରଥମେ ଗ୍ରାଉଣ୍ଡ ଫ୍ଲୋରରେ ଫ୍ଲାଟସ୍ ବନାନ୍ତୁ । ପୁଣି ଦ୍ୱିତୀୟ ଫେଜ୍‌ରେ ଦୁଇ ମହଲାରେ ଫ୍ଲାଟସ ବନାନ୍ତୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଯେଉଁ ଷ୍ଟାଫ୍ ମାନେ ଏକା ଅଛନ୍ତି ସେମାନଙ୍କ ପାଇଁ ତିନି ଗୃହ ବିଶିଷ୍ଟ ଗୋଟିଏ ହଷ୍ଟେଲ୍ ବନାନ୍ତୁ ।

ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ୫୦ ଗୋଟି ମସ୍‌ଜିଦ୍ ନିର୍ମାଣ ପାଇଁ ପ୍ରୋଗ୍ରାମ୍ ବନାନ୍ତୁ । ପ୍ରଥମ ଫେଜ୍‌ରେ ୨୦ଟି ମସ୍‌ଜିଦ୍ ନିର୍ମାଣ କରନ୍ତୁ ଓ ଯେତେବେଳେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ପୁଣି ଅନ୍ୟ ମସ୍‌ଜିଦ୍ ଗୁଡିକୁ ନିର୍ମାଣ କରନ୍ତୁ । ପ୍ରାଇମେରି ସ୍କୁଲ ସ୍ଥାପନ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ପ୍ରଦାନ କରି କହିଲେ ଯେ ପ୍ରଥମେ ୫ଟି ସ୍କୁଲ୍ ନିର୍ମାଣ ହେଉ । ପ୍ରାରମ୍ଭରେ ଦୁଇଦୁଇଟି କୋଠରୀ ବନାନ୍ତୁ । ପୁଣି ଆବଶ୍ୟକ ଅନୁସାରେ ଏହାକୁ ବଢ଼ାଇ ଚାଲନ୍ତୁ । ଯେଉଁ ସବୁ ଜମାତ୍ ଗୁଡିକରେ ଓ ଇଲାକାରେ ସ୍କୁଲ୍ ବନାଇବାକୁ ଚାହୁଁଛନ୍ତି ସେଗୁଡିକ ଅନୁଧ୍ୟାନ କରନ୍ତୁ ଓ ଚିହ୍ନିତ କରନ୍ତୁ ଯେ ସେଠିକାର ଲୋକସଂଖ୍ୟା କେତେ ଅଛି ଓ କେତେ ପିଲା ଅଛନ୍ତି ? ଏବଂ ପାଖାପାଖି କେଉଁ ସହର ଅଛି । ସେ ଇଲାକାରେ ସଡକ ଓ ରାସ୍ତାର ଅବସ୍ଥା କଣ ? କେତେ ପିଲା ସ୍କୁଲରେ ନାମ ଲେଖାଇପାରିବେଁ? ଏହି ସମସ୍ତ ଡାଟା ସେ ଇଲାକାରେ କାମ କରୁଥିବା ମୁଅଲ୍ଲିମ୍ ମାନଙ୍କ ଜରିଆରେ ଏକାଠି କରନ୍ତୁ । ପ୍ରଥମେ ସର୍ଭେ କରାନ୍ତୁ ଏବଂ ଏହି ସର୍ଭେ ଦ୍ୱାରା ଉକ୍ତ ଇଲାକା ଓ ଗ୍ରାମରେ ସଫା ପାଣି ଯୋଗାଇ ଦେବା ପାଇଁ ମଧ୍ୟ ଜାଏଜା ନେଇ ନିଅନ୍ତୁ ।

ଅମୀର୍ ସାହେବ୍ ଅପରେଟିଭ୍ ଫାର୍ମିଙ୍ଗ୍ ପ୍ରସଙ୍ଗରେ ଉପଦେଶ ନେବାକୁ ଚାହିଁଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ବର୍ତ୍ତମାନ ପରିସ୍ଥିତିରେ ସ୍କୁଲ୍ ନିର୍ମାଣ କରିବାର ପ୍ରୋଗ୍ରାମ୍ ବନାନ୍ତୁ । ଫାର୍ମିଂର କାମ ପରେ ଦେଖିବା । ତବ୍‌ଲିଗ୍ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଯେଉଁ ସବୁ ଇଲାକାରେ ଆପଣଙ୍କୁ ତବ୍‌ଲିଗ୍ କରିବାର ଅଛି । ସେଠାକୁ ନିଜ ମିଶିନାରୀମାନଙ୍କୁ ପଠାନ୍ତୁ । ମୁଅଲ୍ଲିମୀନ୍ ମାନଙ୍କୁ ପଠାନ୍ତୁ । ଏବଂ ଜାଏଜା ନିଅନ୍ତୁ ଯେ ସେଠାରେ କେତେ ଦେହାତି ଅଛନ୍ତି ଏବଂ କେତେଲୋକ ବସବାସ କରୁଛନ୍ତି । ଏବଂ ସେମାନଙ୍କର ଧର୍ମୀୟ ଭାବଧାରାର ସ୍ତର କଣ ? ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ କି ପ୍ରକାର ସଫଳତା ହାସଲ ହୋଇଛି । ସେହିସବୁ ସ୍ଥାନରୁ ଯେଉଁମାନେ ଅହେମଦୀ ହୋଇଛନ୍ତି । ସେମାନଙ୍କର ଇମାନ୍ କେତେ ସୁଦୃଢ଼ ଅଛି । ଏହି ସମସ୍ତ ପ୍ରକାର ଜାଏଜା ନେଇ ମୋ ପାଖକୁ ରିପୋର୍ଟ ପଠାନ୍ତୁ । ଏହାପରେ ମୁଁ ଆଉ ଅଧିକ ଉପଦେଶ ଦେବି ।

ବାଗେ ଅହେମଦ୍ (ଜଲସାଗାହ)ର ଯାଗା ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସେଠାରେ ମ୍ୟାନେଜ୍‌ମେଂଟ୍ ନିମନ୍ତେ ଲୋକ ଦରକାର, ଯିଏ ସେଠାରେ ବସିବେ, ସେଠାରେ ଯାହା କିଛି ବ୍ୟବସ୍ଥା କରିବାକୁ ଅଛି ବା ଫାର୍ମିଂର ପ୍ରୋଗ୍ରାମ୍ ଅଛି ବା ବଗିଚା ଲଗାଇବାର ପ୍ରୋଗ୍ରାମ୍ ଅଛି ଓ ଅନ୍ୟାନ୍ୟ ଯାହାବି କାମ ଅଛି ସେ ସବୁ କାମ ସେଠାରେ ଜଣେ ନ ବସିଲେ ହେବନାହିଁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସେଠାରେ କୌଣସି ଯୁବକକୁ ରଖନ୍ତୁ । ସେଥିପାଇଁ ଗୋଟିଏ ପ୍ଲାନ୍ ବନାନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ସେଠାରେ ପାଣି ଯୋଗାଇବା ବିଷୟରେ କହିଲେ ଯେ ବୁର୍କିନାଫାସୋରେ ସରକାର୍ ଅଳ୍ପ ଅଳ୍ପ ଦୂରତାରେ ଡ୍ୟାମ୍ ନିର୍ମାଣ କରିଛନ୍ତି । ଯେଉଁଠି ସେମାନେ ପାଣିକୁ ଜମା କରି ରଖୁଛନ୍ତି । ଏବଂ ଏହା ଦ୍ୱାରା ଫସଲ ଗୁଡିକୁ ପାଣି ଯୋଗାଇ ଦିଆଯାଉଛି । ତେଣୁ ଘାନାରେ ମଧ୍ୟ ଡ୍ୟାମ୍ ନିର୍ମାଣ କରାଯାଇପାରିବ ।

ଦଫ୍‌ତରି ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ଜୋହର୍ ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ଅସର୍ ପଢ଼ାଇଲେ ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ନମାଜ ଅସର୍ ପରେ ବିଭିନ୍ନ ଦେଶରୁ ଆସିଥିବା ଜମାତ୍‌ର ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଆଜି ୧୮ଟି ଫ୍ୟାମିଲିରୁ ୯୦ ଜଣ ଲୋକ, ଏତଦ୍‌ବ୍ୟତୀତ ଆଉ ଜଣକିଆ ୧୮ଜଣ ଲୋକ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୧୦୮ଜଣ ଲୋକ ସାକ୍ଷାତ୍ କରିବାର ସୁଯୋଗ ପାଇଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଉକ୍ତ ଫ୍ୟାମିଲି ଗୁଡିକ ନିମ୍ନଲିଖିତ ଦଶଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଅଷ୍ଟ୍ରେଲିଆ, କାନାଡ଼ା, ଆମେରିକା, ଜାପାନ୍, ଜର୍ମାନୀ, ଫ୍ରାନ୍ସ, ଦୁବାଇ, ଇଣ୍ଡିଆ, ଡେନ୍‌ମାର୍କ ଏବଂ ୟୁ.କେ । ସେମାନେ ସମସ୍ତେ ନିଜ ପ୍ରିୟ ଖଲିଫାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ମସ୍‌ଜିଦ୍ ଫଜଲ୍‌ରେ ପହଂଚି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ । (ବହୱାଲା ଅଖ୍‌ବାର୍ ବଦର୍ ୮ ଫେବୃଆରୀ ୨୦୧୮)

## ଜାମିଆ ଅହେମଦୀୟାରେ ନାମ ଲେଖାଉଥିବା ଛାତ୍ରମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟା ୱାକିଫିନୋ ନୌ ପିଲାମାନଙ୍କର ହେବା ଉଚିତ୍

ସୟଦନା ହଜରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ବେନସ୍‌ରେହିଲ୍ ଅଜିଜ୍ କହୁଛନ୍ତି:-

‘‘ଜାମିଆ ଅହେମଦୀୟାରେ ନାମ ଲେଖାଉଥିବା ଛାତ୍ରମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟା ୱାକିଫିନୋ ନୌ ପିଲାମାନଙ୍କର ହେବା ଉଚିତ୍.....ଆମ ସମ୍ମୁଖରେ ସାରା ଦୁନିଆର କ୍ଷେତ୍ର ପଡ଼ିଛି । ଏସିୟା, ଆଫ୍ରିକା, ୟୁରୋପ୍, ଆମେରିକା, ଅଷ୍ଟ୍ରେଲିଆ, ଦ୍ୱୀପପୁଞ୍ଜ ଓ ପ୍ରତ୍ୟେକ ସ୍ଥାନରେ ଆମକୁ ପହଂଚିବାକୁ ହେବ । ପ୍ରତ୍ୟେକ ସ୍ଥାନ ଓ ପ୍ରତ୍ୟେକ ମହାଦେଶରେ ନୁହେଁ, ପ୍ରତ୍ୟେକ ଦେଶରେ ନୁହେଁ, ପ୍ରତ୍ୟେକ ସହରରେ ନୁହେଁ ବରଂ ପ୍ରତ୍ୟେକ କସ୍‌ବାରେ, ପ୍ରତ୍ୟେକ ଗ୍ରାମରେ, ଏପରିକି ଦୁନିଆର ପ୍ରତ୍ୟେକ ବ୍ୟକ୍ତି ପର୍ଯ୍ୟନ୍ତ ଇସ୍‌ଲାମ୍‌ର ସୁନ୍ଦର ବାର୍ତାକୁ ପହଂଚାଇବାକୁ ହେବ । ତେଣୁ ଏହାକୁ ଅଳ୍ପ କିଛି ମୁବଲ୍ଲିଗିନ୍ ସମ୍ପାଦନ କରିପାରିବେ ନାହିଁ’’

(ଖୁତ୍‌ବାଜୁମା ପ୍ରଦତ ୧୮ ଜାନୁଆରୀ ୨୦୧୮)

**(ଇନ୍‌ଚାର୍ଯ୍ୟ ଶୁବା ୱକ୍‌ଫେନୌ ଭାରତ)**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ଆରମ୍ଭ କଲେ । ଆଜି ୨୬ଟି ଫ୍ୟାମିଲିରୁ ୧୩୦ ଜଣ ଲୋକ, ଏତଦ୍‌ବ୍ୟତୀତ ଆଉ ୨୧ଜଣ ଜଣକିଆ ଲୋକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହିପରି ମୋଟ ୧୫୧ ଜଣ ଲୋକ ସାକ୍ଷାତ୍ କଲେ । ସାକ୍ଷାତ୍‌କାର୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୭ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଇଣ୍ଡିଆ, ଜର୍ମାନୀ, ସ୍ୱୀଡେନ୍, ଗୟାନା, କଙ୍ଗୋ, ଘାନା, ଫିନ୍‌ଲାଣ୍ଡ, ତୁର୍କମେନିସ୍ତାନ୍, ବେଲିଜ୍, କୁଏତ୍, ଫ୍ରାନ୍ସ୍, ମସ୍କଟ୍ ଓ ଅମାନ୍ ।

ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ କଲମ ଉପହାର ପ୍ରଦାନ କଲେ । ଏବଂ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**୧୦ ଅଗଷ୍ଟ ୨୦୧୭ ଗୁରୁବାର**

ଆଜି ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟରେ ବ୍ୟସ୍ତ ରହିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକପତ୍ର ଗୁଡିକ ଦେଖିଲେ ଓ ବିଭିନ୍ନ ମାମଲା ଗୁଡିକ ଅନୁଧାନ କରି ହିଦାୟତ୍ ପ୍ରଦାନ କଲେ ।

ଦିନ ୨ଟା ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ରେ ପହଂଚି ନମାଜ ଯୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ଅତଃପର ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

**ଏକାକୀ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୫:୧୫ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ କରିବା ଆରମ୍ଭ କଲେ । ଆଜି ୨୮ଟି ଫ୍ୟାମିଲିରୁ ୨୪୦ ଜଣ ଲୋକ, ଏହାଛଡ଼ା ଆହୁରି ୧୮ଜଣ ଜଣଜଣ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୧୫୮ ଜଣ ଲୋକ ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୯ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, ସ୍ପେନ୍, କାନାଡ଼ା, ଫ୍ରାନ୍ସ, ଦୁବାଇ, ଅବୁଧାବି, ୟୁ.କେ, ଇଣ୍ଡିଆ, ଜର୍ମାନୀ, ଘାନା, ବେଲ୍‌ଜିୟମ୍, ତ୍ରିନିଦାଦ୍ ଏଣ୍ଡ ଟବାଗୋ, ଆୟରଲାଣ୍ଡ, ଫିନ୍‌ଲାଣ୍ଡ, ତନ୍‌ଜାନିଆ, ସିନିଗାଲ୍, ଉରୁଗୁଏ ଏବଂ କେନିଆ ।

ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ପାଠ ପଢୁଆ ପୁଅ ଝିଅ ମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ କଲମ ପ୍ରଦାନ କଲେ । ଏବଂ ଛୋଟ ବୟସର ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ରେ ପଦାର୍ପଣ କରି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୧ ଅଗଷ୍ଟ ୨୦୧୭ ଶୁକ୍ରବାର**

ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରରେ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟଗୁଡିକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଦିନ ୧ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଫତୁହ୍‌ରେ ପଦାର୍ପଣ କରି ଖୁତ୍‌ବା ଜୁମା ପ୍ରଦାନ କଲେ । ଏବଂ ନମାଜ ଜୁମା ସହିତ ଅସର୍ ନମାଜ୍ ଜମା କରି ପଢ଼ାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌କୁ ଫେରିଆସିଲେ ।

**କାଦିଆନ୍‌ରୁ ଆସିଥିବା ପ୍ରତିନିଧିମାନଙ୍କ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୫:୩୦ ରେ କାଦିଆନ୍ (ଇଣ୍ଡିଆ) ରୁ ଆସିଥିବା ମର୍କଜି ୱଫ୍‌ଦ (ପ୍ରତିନିଧି ମଣ୍ଡଳ)ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏବର୍ଷ କାଦିଆନ୍‌ରୁ ନାଜରାନ୍, ନାଏବ୍ ନାଜରାନ୍, ଜେଲି ତନ୍‌ଜିମ୍ (ମଜଲିସ୍ ଅନ୍‌ସାରୁଲ୍ଲାଃ, ଲଜ୍‌ନା ଇମାଇଲ୍ଲାଃ ଓ ମଜଲିସ୍ ଖୁଦାମୁଲ୍ ଅହେମଦୀୟା) ର ପ୍ରତିନିଧିମାନେ, ମୁବଲ୍ଲିଗିନ୍ ସିଲ୍‌ସିଲା, ମୁଅଲ୍ଲିମିନ୍ ସିଲ୍‌ସିଲା ଏବଂ ଅନ୍ୟାନ୍ୟ ଜମାତି ଦଫ୍‌ତର୍ ଗୁଡିକର କାର୍ଯ୍ୟକର୍ତ୍ତା ଓ ୱହ୍‌ଦାଦାରମାନେ ଇତ୍ୟାଦି ୧୯ ଜଣ ପରିବେଷ୍ଟିତ ମର୍କଜି ପ୍ରତିନିଧି ମଣ୍ଡଳ ଜଲ୍‌ସାସାଲାନା ୟୁ.କେ ରେ ସାମିଲ୍ ହୋଇଥିଲେ । ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ଓ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ପ୍ରୋଗ୍ରାମ୍ ମୁତାବକ ଆସନ୍ତା ୧୨ ଅଗଷ୍ଟ ଶନିବାର ଦିନ ଏହି ପ୍ରତିନିଧି ମଣ୍ଡଳର ସଭ୍ୟମାନେ ଇଣ୍ଡିଆ ଫେରିଯିବାର ଥିଲା ।

ସନ୍ଧ୍ୟା ୯ଟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ରେ ପହଂଚି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ଏହାପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୨ ଅଗଷ୍ଟ ୨୦୧୭ ଶନିବାର**

ଆଜି ଦଫ୍‌ତରି ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ସକାଳ ୧୦:୩୦ ରେ ଆରମ୍ଭ ହେଲା । ସର୍ବପ୍ରଥମେ ସଦର୍ ଖୁଦାମୁଲ୍ ଅହେମଦୀୟା ଘାନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ବିଭିନ୍ନ ବିଷୟ ଓ ମାମଲା ଗୁଡିକୁ ଉପସ୍ଥାପନ କରି ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ହିଦାୟତ୍ ଗ୍ରହଣ କଲେ ।

ଏହାପରେ Ahmadiyya lawyers Association Germany ର ସଦର ସାହେବ୍ ଦଫ୍‌ତରି ସାକ୍ଷାତ୍‌କାରର ସୁଯୋଗ ପାଇଲେ । ସେ ନିଜର ବିଭାଗ ପ୍ରସଙ୍ଗରେ ବିଭିନ୍ନ ପ୍ରକାରର ମାମଲା ଗୁଡିକ ଉପସ୍ଥାପନ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ମାର୍ଗଦର୍ଶନ ଲାଭ କଲେ ।

ଏହାପରେ ମୋକରମ୍ ଅବ୍‌ଦୁଲ୍ ଫାତେହ ସାହେବ୍ ଷ୍ଟ୍ରକ୍‌ଚରଲ୍ ଇଞ୍ଜିନିୟର୍ (ଇସ୍‌ଲାମାବାଦ୍, ୟୁ.କେ ପ୍ରୋଜେକ୍ଟ)ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଲେ ଏବଂ କିଛି ନିର୍ମାଣ ସମ୍ବନ୍ଧୀୟ ପ୍ରସଙ୍ଗରେ ଉପଦେଶ ହାସଲ କଲେ । ଏହାପରେ ମୋକରମ୍ ଫାଏଜ୍ ନୌଶିରୱାଁ ସାହେବ୍ ଆର୍କିଟେକ୍ଟ୍ AMJ ସ୍ୱୀଡେନ୍ ଏବଂ ସୁଇଜରଲାଣ୍ଡର କିଛି ଗୃହ ନିର୍ମାଣ ପ୍ରୋଜେକ୍ଟ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗୋଚରରେ କିଛି ମାମଲାକୁ ଉପସ୍ଥାପନ କରି ହିଦାୟତ୍ ଗ୍ରହଣ କଲେ ।

ଏହାପରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ନିଉଜଲାଣ୍ଡ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ବଇତୁଲ୍ ମୁକିତ୍ ଅକଲାଣ୍ଡ ହତା ଭିତରେ ନିର୍ମାଣ ହେବାକୁ ଥିବା ଗେଷ୍ଟ୍ ହାଉସ୍‌ର ନକ୍ସାକୁ ତଦାରଖ କଲେ ଏବଂ ଏ ବିଷୟରେ ଅନେକ କଥା ପଚାରି କିଛି ଉପଦେଶ ମଧ୍ୟ ଦେଲେ । ତତ୍‌ସହିତ ଏହା ମଧ୍ୟ କହିଲେ ଯେ ଏହି ଗେଷ୍ଟ୍ ହାଉସ୍‌କୁ ଆପଣମାନେ ନିଜ ସୋର୍ସ୍‌ରୁ ହିଁ ନିର୍ମାଣ କରିବେ ।

ନିଉଜଲାଣ୍ଡର ପ୍ରଥମ ମାଉରି ଅହେମଦୀ Mathew Abu Bakr ଏବଂ ତାଙ୍କ ସ୍ତ୍ରୀ Donnalynn Douglas ସାହିବାଙ୍କ ଜଲ୍‌ସା ସାଲାନା ୟୁ.କେ ୨୦୧୭ରେ ଯୋଗ ଦେବା ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ବିଷୟରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ଏହି ଦୁଇଜଣଙ୍କ ଉପରେ ବହୁତ ଭଲ ପ୍ରଭାବ ପଡ଼ିଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଠିକ୍ ଅଛି । ସେମାନଙ୍କୁ ଆସନ୍ତାକୁ ଆଣନ୍ତୁ ଯଦ୍ୱାରା ସେମାନେ ନିଜ ଲୋକମାନଙ୍କ ଭିତରେ ସମ୍ପର୍କ ରଖିବେ ଏବଂ ସେମାନଙ୍କ ଭିତରେ ଯମାତ୍‌ର ପରିଚୟ ପାଇଁ ନିଜେ ପ୍ରୋଗ୍ରାମ୍ ବନାଇବେ । ତାଙ୍କ ଇଲାକାକୁ ଅଧିକରୁ ଅଧିକ ଯାଆନ୍ତୁ । ସମ୍ପର୍କ ରଖିବା ପାଇଁ ଟିମ୍ ବନାନ୍ତୁ ଏବଂ ଏ ବିଷୟରେ କୌଣସି ପ୍ରକାରର Complex ରହିବା ଉଚିତ୍ ନୁହେଁ । ସେମାନଙ୍କର ତାଲିମ୍ ଓ ତର୍‌ବିୟତ୍ ମଧ୍ୟ କରନ୍ତୁ, ଯଦ୍ୱାରା ତାଙ୍କର ଦୀନି ଇଲିମ୍ ବଢ଼ିବ ।

ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ନିଉଜଲାଣ୍ଡ ଯମାତ୍ ଅନ୍ତର୍ଗତ Tokelau ଏବଂ Cook Islands ରହିଛି । ପୂର୍ବେ ଏଠାରେ ବୟତ୍ ହୋଇଥିଲା । କିନ୍ତୁ ସେମାନଙ୍କ ସହିତ ସମ୍ପର୍କ ରହିପାରିଲା ନାହିଁ । ସେଠାରେ ପୁନର୍ବାର କାମ କରିବା ପାଇଁ ଚେଷ୍ଟା କରାଯାଉଛି । କିନ୍ତୁ ଇସାଇମାନଙ୍କର ପ୍ରଭାବ ଯୋଗୁ ବହୁତ ଜଟିଳତାର ସମ୍ମୁଖୀନ ହେବାକୁ ପଡୁଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁମାନଙ୍କ ଜରିଆରେ ପ୍ରଥମେ ବୟତ୍ ହୋଇଥିଲା ସେମାନଙ୍କ ସହିତ ସମ୍ପର୍କ କରନ୍ତୁ । ପୁଣି କିଛି ଇନ୍ତେଜାମି ଉପଦେଶ ମଧ୍ୟ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଧର୍ଯ୍ୟହରା ହୁଅନ୍ତୁ ନାହିଁ । ବାରମ୍ବାର ଚେଷ୍ଟା କରି ଚାଲନ୍ତୁ । ୱକ୍‌ଫେ ଆରଜିର ବ୍ୟବସ୍ଥା କରନ୍ତୁ । ଖୁଦାମ୍, ଲଜ୍‌ନା ଏବଂ ସଫେ ଦୌମ୍‌ର ଅନ୍‌ସାରଙ୍କ ଭିତରେ ୱକ୍‌ଫେ ଆରଜି କରିବା ପାଇଁ ଲୋକଙ୍କୁ ଖୋଜନ୍ତୁ । ଯଦି କୌଣସି ଫ୍ୟାମିଲି ୱକ୍‌ଫେ ଆରଜି କରିବାକୁ ଚାହୁଁଛନ୍ତି ତେବେ ସେମାନେ ସେଠାକୁ ଚାଲିଯାଆନ୍ତୁ ।

ନିଉଜଲାଣ୍ଡରେ ଥାଇଲାଣ୍ଡରୁ ଆସିଥିବା ନୂଆ ଅହେମଦୀ ରିଫିଉଜି ଖାନ୍‌ଦାନ୍ ମାନଙ୍କର ଚର୍ଚ୍ଚା ହେଲା ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହାମିଲ୍‌ଟନ୍‌ରେ ଆସି ବସତି ସ୍ଥାପନ କରୁଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ସେମାନଙ୍କୁ ସୁସଂଗଠିତ କରନ୍ତୁ । ଏବଂ ସେମାନଙ୍କ ତର୍‌ବିୟତ୍ ନିମନ୍ତେ ବିଶେଷ ଧ୍ୟାନ ଦିଅନ୍ତୁ । ଯଥାଶିଘ୍ର ସେଂଟର୍ ନିଅନ୍ତୁ । ସେମାନଙ୍କୁ ପ୍ରଥମ ଦିନରୁ ହିଁ ନିଜ ଗୋଡରେ ଛିଡ଼ା କରନ୍ତୁ । ରୋଜଗାର ଓ କାମଧନ୍ଦା ଇତ୍ୟାଦି ଯୋଗାଇ ଦେବାପାଇଁ ସେମାନଙ୍କର ସାହାଯ୍ୟ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତବ୍‌ଲିଗ୍ ଏବଂ ତର୍‌ବିୟତ୍ ପ୍ରସଙ୍ଗରେ ହିଦାୟତ୍ ଦେଇ କହିଲେ ଯେ ତବ୍‌ଲିଗର କାମକୁ ଅଧିକା କରନ୍ତୁ । ଏବଂ ତର୍‌ବିୟତ୍ ଉପରେ ବିଶେଷ ଧ୍ୟାନ ରଖନ୍ତୁ । ଫିଜି ଓ ପାକିସ୍ତାନ୍ ଲୋକମାନଙ୍କ ମଧ୍ୟରେ ଅନ୍ତର କମ୍ କରନ୍ତୁ । ତର୍‌ବିୟତ୍‌ର ସ୍ତରରେ ଦୁର୍ବଳତା ଅଛି । ତେଣୁ ବେଳେବେଳେ ପର୍ଦ୍ଦାପୋଶି କରି ବୁଝାଇବାକୁ ପଡ଼ିଥାଏ । ଯଦି ତାଗିଦ୍ କରିବାକୁ ହୁଏ ତେବେ ଅଳ୍ପ ତାଗିଦ୍ କରିବା ପରେ

ସେମାନଙ୍କୁ ଯମାତ୍ ସହିତ ଯୋଡ଼ି ରଖନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ ସଦର୍ ଓ ମୁରବୀଙ୍କ ମଧ୍ୟରେ ଏଖ୍‌ତେଲାଫ୍ (ବିରୋଧିଭାବ) ହେବା ଉଚିତ୍ ନୁହେଁ । ଯଦି କୌଣସି କଥାରେ ହୋଇଯାଏ ତେବେ ଏହାର ପ୍ରକାଶ ଯମାତ୍‌ରେ ହେବା ଉଚିତ୍ ନୁହେଁ ।

ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ ମୁସ୍ତନ୍‌ସର୍ ସାହେବ୍ (ନୂତନ ମୁରବୀ ସିଲ୍‌ସିଲା ଯାମିଆ ଅହେମଦୀୟା ୟୁ.କେ)ଙ୍କ ଠାରୁ ମଧ୍ୟ କାମ ନିଅ । ଇଂରାଜୀ ଭାଷାରେ ତାଙ୍କୁ ଆଡ୍‌ଭାନ୍‌ଟେଜ୍ ଅଛି ।

ଏହାପରେ ଅମୀର୍ ସାହେବ୍ ସିରିଆଲିଓନ୍ ଦଫ୍‌ତରି ସାକ୍ଷାତ୍‌କାର୍ କଲେ ଓ ବିଭିନ୍ନ ବିଷୟ ଓ ମାମଲା ଗୁଡ଼ିକ ଉପସ୍ଥାପନ କରି ହିଦାୟତ୍ ଗ୍ରହଣ କଲେ । କେନିମାଠାରେ ଡାକ୍ତରଖାନା ପ୍ରତିଷ୍ଠା ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ପଚାରିଲେ ଯେ ଆପଣ କଣ ସେଠିକାର ଡାକ୍ତର ଓ ଇଞ୍ଜିନିୟରମାନଙ୍କ ସହିତ ମସୁରା କରିସାରିଛନ୍ତି । ଏହା ସହିତ ପୁଣି ହଜୁର୍ କହିଲେ ଯେ ଯଦି ଏହି ଡାକ୍ତରଖାନାକୁ ବନାଇବେ ତେବେ ତାକୁ ଅଲଗା ଅଲଗା ଫେଜ୍‌ରେ ବନାଇବେ । ଫେଜ୍ ୱାଇଜ୍ ପ୍ଲାନ୍ ତିଆରି କରନ୍ତୁ ।

ତବ୍‌ଲିଗ୍ ଓ ତର୍‌ବିୟତ୍ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ ଦେଇ କହିଲେ- ବୟତ ବାସ୍ତବିକ ହେବା ଉଚିତ୍ । ମୋତେ ସଂଖ୍ୟା ବଢ଼ାଇବାରେ କିଛି ସଉକ୍ ନାହିଁ । ଯେଉଁ ସବୁ ଅହେମଦୀ ହେଉଛନ୍ତି ସେମାନଙ୍କର ତର୍‌ବିୟତ ନିମନ୍ତେ ବ୍ୟବସ୍ଥା କରନ୍ତୁ । ଏବଂ ସେମାନଙ୍କୁ ଯମାତ୍‌ର ମାଲି ନିଜାମ୍‌ରେ ସାମିଲ୍ କରାନ୍ତୁ । ଏ ବିଷୟରେ ମୁଁ ପୂର୍ବରୁ ମଧ୍ୟ କହିସାରିଛି ଯେ ନୂଆ ସାମିଲ୍ ହେଉଥିବା ଲୋକମାନେ କିଛି ନା କିଛି ଚାନ୍ଦା ନିଶ୍ଚିତ ରୂପେ ଦିଅନ୍ତୁ । ଫଳତଃ ସେମାନଙ୍କୁ ମାଲି କୁର୍ବାନୀର ଅଭ୍ୟାସ ପଡ଼ିଯାଉ । ଏହିପରି ଏମାନେ ନିଜକୁ ଏ ନିଜାମ୍‌ର ଅଂଶ ବୋଲି ଭାବିବେ ।

ଅମୀର୍ ସାହେବ୍ ସିରିଆଲିଓନ୍ କହିଲେ ଯେ ସିରିଆଲିଓନ୍‌ର ଗୋଟିଏ ସହର ଯାହାର ନାମ ମକିନି, ସେଠାରେ ରେଡିଓ ଷ୍ଟେସନ୍ ସ୍ଥାପନ କରିବାର ପ୍ରୋଗ୍ରାମ୍ ଅଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏଥିପାଇଁ ପ୍ରଥମେ ଯୋଜନା ପ୍ରସ୍ତୁତ କରନ୍ତୁ । ଏବଂ ସବୁକିଛିର ଅନୁଧ୍ୟାନ କରି ରିପୋର୍ଟ ପଠାନ୍ତୁ । ସିରିଆଲିଓନ୍‌ରେ ଟ୍ରାନ୍ସପୋର୍ଟର ଆବଶ୍ୟକତା ପ୍ରସଙ୍ଗରେ ମଧ୍ୟ ହଜୁର୍ ଅନୁୱର୍ କିଛି ଉପଦେଶ ଦେଲେ ।

ଏହାପରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଗିନି କନାକରି ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର କରିବାର ସୁଯୋଗ ପାଇଲେ । ତବ୍‌ଲିଗ୍ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ ଯେତେବେଳେ ତବ୍‌ଲିଗ୍ କରୁଛ ଓ ବାର୍ତ୍ତା ପହଂଚାଉଅଛ ସେହି ସମୟରେ ଏହା ସ୍ପଷ୍ଟ କରିଦେବା ଉଚିତ୍ ହେବ ଯେ ଆମ୍ଭେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗଏର୍ ତଶ୍‌ରିଇ (ଅଣ ଶରୀୟତି) ନବୀ ବୋଲି ମାନୁଅଛୁ । ଲୋକମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପ୍ରକୃତ ଦାବି ଓ ପ୍ରକୃତ ଶିକ୍ଷା ବିଷୟରେ ଅବଗତ ହେବା ଉଚିତ୍ । ଲୋକମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜିଲି ନବୀ ହେବା ବିଷୟରେ ଜ୍ଞାନ ରହିବା ଉଚିତ୍ । ଯଦି ଏ ସବୁ କଥା ସେମାନଙ୍କ ମନ ଭିତରେ ବସିଯାଏ ତେବେ ଏ ଲୋକମାନେ ମୁଖାଲିଫତ୍‌କୁ ମଧ୍ୟ ବରଦାସ୍ତ କରିନେବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଯେଉଁ ସ୍ଥାନରେ ମୁଅଲିମିନ୍‌ମାନେ କାମ କରିଛନ୍ତି ସେ ସବୁ ସ୍ଥାନ ଯାଇ ଜାଏଯା ନିଅନ୍ତୁ ଯେ କ'ଣ ସମସ୍ତଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନବୁଓ୍ୱତର ଦାବି ବିଷୟରେ ଜ୍ଞାନ ଅଛି ? ସମସ୍ତଙ୍କୁ ସ୍ପଷ୍ଟ ରୂପେ ବତାଇ ଦିଅନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ମୁଖାଲିଫତ୍ ତ ହେବ । କୁଏତ୍ ଓ ସାଉଦୀଆରବ୍ ତରଫରୁ ମୁଖାଲିଫତ୍‌ର ଧାରା ସବୁ ସ୍ଥାନରେ ଅଛି କିନ୍ତୁ ଆପଣଙ୍କ କାର୍ଯ୍ୟ ହେଉଛି ତବ୍‌ଲିଗ୍ କରି ଚାଲିବା ଓ ବାର୍ତ୍ତା ପହଂଚାଇବା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁମାନେ ଅହେମଦୀ ହେଉଛନ୍ତି ସେମାନଙ୍କୁ ଚାନ୍ଦାର ନେଜାମ୍‌ରେ ସାମିଲ୍ କରାନ୍ତୁ । ସମସ୍ତେ ସାମିଲ୍ ହୁଅନ୍ତୁ ଏବଂ ଆଉ କିଛି ନା କିଛି ନିଶ୍ଚିତ ରୂପେ ଦିଅନ୍ତୁ । ମୋତେ ସଂଖ୍ୟାଠାରୁ କିଛି ଯାଏ ଆସ୍ ନାହିଁ । ଯେଉଁମାନେ ମଧ୍ୟ ଅହେମଦୀ ହେଉଛନ୍ତି ସେମାନେ ପ୍ରକୃତ ଅହେମଦୀ ହୁଅନ୍ତୁ ଏବଂ ନେଜାମ୍‌ର ଅଂଶ ହୋଇ ରୁହନ୍ତୁ । ତେଣୁ ସମସ୍ତଙ୍କୁ ନେଜାମ୍ ସହିତ ସାମିଲ୍ କରାନ୍ତୁ ଓ ସମସ୍ତଙ୍କ ସହିତ ସର୍ବଦା ସମ୍ପର୍କ ରଖନ୍ତୁ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ସେଠାରେ ସେମାନଙ୍କୁ ପାକିସ୍ତାନ୍ ଏବଂ ଇଣ୍ଡୋନେସିଆରେ ଜମାତ୍‌ର ମୁଖାଲିଫ୍‌ମାନଙ୍କ ତରଫରୁ ହେଉଥିବା ମୁଖାଲିଫତ୍‌ର ଭିଡ଼ିଓ ଦେଖାନ୍ତୁ । ଅନ୍ୟ ଦେଶ ଗୁଡ଼ିକରେ ଜମାତ୍‌ର ଲୋକମାନଙ୍କର ଧୈର୍ଯ୍ୟ ଦେଖାଇବାର ଘଟଣାବଳୀ ଗୁଡ଼ିକ ଶୁଣାନ୍ତୁ ।

ପୁଣି ହଜୁର୍ କହିଲେ ପ୍ରତ୍ୟେକ ମାସରେ ଆପଣମାନଙ୍କର ଅତି କମ୍‌ରେ ଗୋଟିଏ କିମ୍ବା ଦୁଇ ସପ୍ତାହର ଜମାତ ଗୁଡ଼ିକରେ ଦୌରା ହେବା ଉଚିତ୍ । ସ୍ଥାନୀୟ ରୂପେ ମଧ୍ୟ ମୁଅଲ୍ଲିମିନ୍ ପ୍ରସ୍ତୁତ କରନ୍ତୁ । ସେମାନଙ୍କୁ ଜମାତ୍ ବିଷୟରେ ଅବଗତ କରାଇ ଏତେ ମଜବୁତ୍ କରିଦିଅନ୍ତୁ ଯେ ପୁଣି ସେମାନେ ପଛକୁ ଯେମିତି ନ ହଟିବେ । ଯେଉଁ ସବୁ ସେକେଣ୍ଡାରି ସ୍କୁଲ୍ ନିକଟରେ ଅଛି ସେଗୁଡ଼ିକରୁ ଚୟନ କରି ସେମାନଙ୍କୁ ମୁବଶିର୍ ବା ଶାହିଦ୍ କରିବା ନିମନ୍ତେ ଘାନାରେ ଥିବା ଯାମିଆକୁ ପଠାନ୍ତୁ ।

ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ ୧୦ଟି ଛୋଟ ଛୋଟ ଓ ଗୋଟିଏ ବଡ଼ ମସ୍‌ଜିଦ୍‌ର ପ୍ଲାନ୍ ପ୍ରସ୍ତୁତ କରି ପଠାନ୍ତୁ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ୫ଜଣ ଅଭାବି ଶିକ୍ଷାର୍ଥୀଙ୍କୁ ସ୍କଲାରସିପ୍ ଦେଇ ୟୁନିଭରସିଟି ପଠାନ୍ତୁ । ସେଥିପାଇଁ ପ୍ରଥମେ ଦୁଇବର୍ଷର ଯୋଜନା ପ୍ରସ୍ତୁତ କରି ପଠାନ୍ତୁ । ଆମେ ଖର୍ଚ୍ଚ ବହନ କରିବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେବେ ବୁର୍କିନାଫାଶୋରେ ଯାମିଆ ଖୋଲିଯିବ ସେତେବେଳେ ସେଠାକୁ ଚାଲିଯିବେ କିନ୍ତୁ ଶାହିଦ୍ କରିବା ପାଇଁ ଓ ହିଫ୍‌ଜେ କୁର୍‌ଆନ୍ ନିମନ୍ତେ ଘାନା ଯିବାକୁ ପଡ଼ିବ ।

ହଜୁର୍ ଅନୁୱର୍ ଅ:ବ:ଅ ପୁଣି ହିଦାୟତ୍ ଦେଇ କହିଲେ ନିଜର ସବୁ ଯମାତ୍‌ରେ ଏମ୍.ଟି.ଏ ଲଗାନ୍ତୁ । ଏବଂ ସମସ୍ତଙ୍କୁ ଏମ୍.ଟି.ଏ ସହିତ ଯୋଡ଼ି ଦିଅନ୍ତୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମଡେଲ୍ ଭିଲେଜ୍ ବନାଇବା ପାଇଁ ଚେଷ୍ଟା କରନ୍ତୁ । ସେଥି ନିମନ୍ତେ IAAAE ସହିତ ସମ୍ପର୍କ କରନ୍ତୁ ଓ ଯୋଜନା ପ୍ରସ୍ତୁତ କରନ୍ତୁ ।

ପ୍ରାଇମେରି ସ୍କୁଲ୍ ନିର୍ମାଣ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଦୁଇ ଦୁଇଟି କ୍ଲାସ୍ ରୁମ୍ ନିର୍ମାଣ କରି ପ୍ରଥମେ ତଳସ୍ତରରୁ କାମ ଆରମ୍ଭ କରନ୍ତୁ । ସେଥିପାଇଁ ସମ୍ପର୍କୀୟ ମିନିଷ୍ଟ୍ରି ବା କାର୍ଯ୍ୟାଳୟରୁ ଅନୁଭୂତି ନେବାକୁ ହେବ । ସରକାରଙ୍କ ଅନୁମତି କ୍ରମେ ଏହି ପ୍ରୋଜେକ୍ଟ ଆରମ୍ଭ କରନ୍ତୁ । ପୁଣି ଧିରେ ଧିରେ ଆଗକୁ ବଢ଼ି ଚାଲନ୍ତୁ ।

ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ନିଜର ଲୋକ ସମ୍ପର୍କକୁ ବଢ଼ାନ୍ତୁ ଏବଂ ବିରୋଧିମାନଙ୍କୁ ଏହା ବତାନ୍ତୁ ଯେ ଆମେ ତୁମର ବିରୋଧି ନୋହୁଁ ବରଂ ଆମେ ତ ମୁସଲମାନ୍ ହିସାବରେ ସମସ୍ତଙ୍କଠାରୁ ଅଧିକ ବିଶ୍ୱସନୀୟ । ସରକାରଙ୍କ ବିଭିନ୍ନ ଦାୟିତ୍ୱରେ ଥିବା ସଦସ୍ୟଙ୍କ ସହିତ ଆପଣଙ୍କର ସମ୍ପର୍କ ରହିବା ଉଚିତ୍ । ପୋଲିସ୍ କମିଶନରଙ୍କ ସହିତ ମଧ୍ୟ ସମ୍ପର୍କ ରଖନ୍ତୁ । ସେଠିକାର ଯିଏ ବି ଇମାମ୍ ଅଛନ୍ତି ତାଙ୍କ ସହିତ ମଧ୍ୟ ବନ୍ଧୁତ୍ୱର ସମ୍ପର୍କ ରଖନ୍ତୁ । ସମସ୍ତଙ୍କୁ ଏହା ଜଣାଇଦେବା ଉଚିତ୍ ଯେ ଏଠାରେ ଯେତେ ଅହେମଦୀ ଅଛନ୍ତି ସେମାନେ ଦେଶର ସବୁଠାରୁ ବିଶ୍ୱସନୀୟ ଓ କାନୁନ୍ ମାନି ଚଳିବା ଲୋକ ଅଟନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ ଗିନି କନାକରି ରେ ଆହୁରି ଅଧିକ ମୁରବୀ ପଠାଇବା ନିମନ୍ତେ ହିଦାୟତ୍ ଦେଲେ । ତତ୍ ସହିତ ଜଲ୍‌ସା ସାଲାନାରେ ପ୍ରତିନିଧିମାନଙ୍କୁ ପଠାଇବା ପାଇଁ ମଧ୍ୟ ଆଦେଶ ଦେଲେ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ ଇବୋଲା ଦ୍ୱାରା ପ୍ରଭାବିତ ହୋଇଥିବା ପିଲାମାନଙ୍କ ବିଷୟରେ କହିଲେ ୧୦-୧୫ ଜଣ ପିଲାଙ୍କୁ ଚୟନ କରି ସେମାନଙ୍କ ଶିକ୍ଷା ବାବଦରେ ହେଉଥିବା ଖର୍ଚ୍ଚକୁ ପ୍ରଦାନ କରନ୍ତୁ ।

ଏହାପରେ ମୋକରମ୍ ସବାହୁଲ୍ ଜଫର୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଜାପାନ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ ଏବଂ ମୂଲ୍ୟବାନ୍ ଉପଦେଶ ହାସଲ କଲେ । ହଜୁର୍ ତାଙ୍କୁ କହିଲେ ଆପଣଙ୍କର ନିଯୁକ୍ତି ଟୋକିଓ ସହରରେ ହୋଇଛି । ସେଠାରେ ଆପଣଙ୍କୁ କୌଣସି ପାର୍ଟିର ହେବା ଆବଶ୍ୟକ ନାହିଁ । ଆପଣଙ୍କୁ ନିରପେକ୍ଷ ରହିବାକୁ ପଡ଼ିବ । ସେଠାରେ ପୁରୁଣା ଅହେମଦୀର ବଂଶଧର ଓ କୁଟୁମ୍ବ ବସବାସ କରୁଛନ୍ତି । ସେମାନଙ୍କୁ ନିକଟତର କରନ୍ତୁ । ସେମାନଙ୍କ ପିଲାଙ୍କର ବିଭାଗ ହେଉଛି ସେ ସମସ୍ତଙ୍କୁ ଆପଣଙ୍କ ନିକଟତର କରାନ୍ତୁ । ଏବଂ ସେମାନଙ୍କୁ ଦୀନି ଇଲମ୍ ଶିଖାନ୍ତୁ । ଯମାତ୍‌ର ପ୍ରୋଗ୍ରାମ୍ ଗୁଡ଼ିକରେ ସାମିଲ୍ କରାନ୍ତୁ । ଏବଂ ଯେଉଁଠାରେ ଇସ୍‌ଲାହର ଆବଶ୍ୟକ ରହିଛି ସେଠାରେ ବୁଦ୍ଧିମତାର ସହିତ ଇସ୍‌ଲାହ୍ କରିବା ପାଇଁ ଚେଷ୍ଟା କରି ଚାଲନ୍ତୁ ।

ଯେଉଁ ଲୋକମାନେ ଯମାତି ପ୍ରୋଗ୍ରାମ୍ ଓ ମିଟିଂରେ ଆସୁନାହାଁନ୍ତି ସେମାନଙ୍କୁ ବୁଝାନ୍ତୁ ଯେ ଅଲଗା ହୋଇ ରହିବା କୌଣସି ସମ୍ମାନର କଥା ନୁହେଁ ବରଂ ଏହା ବୁଜ୍‌ଦିଲି (ଭୀରୁତା) ଅଟେ, ପୁରୁଷତ୍ୱ ନୁହେଁ । ଅସଲ କଥା ହେଉଛି ନିଜାମ୍ ଯମାତ୍‌ରେ ରହି ନିଜକୁ ସୁଧାରନ୍ତୁ । ଏକ ମନ ଓ ଏକ ପ୍ରାଣ ହୋଇ ରହିବା ଦ୍ୱାରା ଉନ୍ନତି ସାଧନ ହୁଏ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁମାନେ ପଛକୁ ହଟି ଯାଇଛନ୍ତି ସେମାନଙ୍କୁ ଯାଇ କୁହନ୍ତୁ ଯେ ଯେପର୍ଯ୍ୟନ୍ତ ତୁମମାନଙ୍କ ଭିତରେ ଏକତା ସୃଷ୍ଟି ନହୋଇଛି ରୁହମାଓ ବଇନହୁମ୍ ହେବନାହିଁ । ଆପଣମାନେ କିଛି କରିପାରିବେ ନାହିଁ । ନା କୌଣସି ପ୍ରକାରର ଉନ୍ନତି କରିପାରିବେ । ଏକ ମନ ଏକ ପ୍ରାଣ ହୋଇ କାମ କରନ୍ତୁ । ପୁଣି ଦେଖିବେ ଯେ ଯମାତ୍ କିପରି ଆଗକୁ ବଢ଼ିବ ଓ ଯମାତ୍‌ର କେତେ ଉନ୍ନତି ସାଧନ ହେବ ।

ଟୋକିଓରେ ମସ୍‌ଜିଦ୍ ନିର୍ମାଣ ନିମନ୍ତେ ଯାଗା ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜାଏଜା ନିଅନ୍ତୁ ଏବଂ Real Estate ସହିତ ସମ୍ପର୍କ ରଖନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ତବ୍‌ଲିଗ୍ ନିମନ୍ତେ ପ୍ରୋଗ୍ରାମ୍ ବନାନ୍ତୁ । ସେଠିକାର ଅବସ୍ଥା ମୁତାବକ ଦେଖନ୍ତୁ ଯେ କେଉଁ ପ୍ରକାର ମାର୍ଗ ରହିଛି, ଯାହାଦ୍ୱାରା ଆପଣମାନେ ତବ୍‌ଲିଗ୍ କରିପାରିବେ ଓ ବାର୍ତ୍ତାକୁ ପହଂଚାଇ ପାରିବେ । ରାସ୍ତା ଖୋଜିବା ହେଉଛି ଆପଣଙ୍କ କାମ ।

ଏହାପରେ ମୋକରମ୍ ଅକ୍‌ରମ୍ ଅହେମଦୀ ସାହେବ୍ ଚେୟାର୍‌ମ୍ୟାନ୍ ଅହେମଦୀୟା ଆର୍କିଟେକ୍ଟ୍ ଆଣ୍ଡ ଇଞ୍ଜିନିୟର୍ ଆସୋସିଏସନ୍ (IAAAE) ୟୁରୋପିଆନ୍

ଚାପ୍ଟର୍ ନିଜ ଟିମ୍ ସହିତ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ଦଫ୍ତରି ସାକ୍ଷାତ୍କାର୍ କଲେ ଓ ଏହି ଆସୋସିଏସନ୍ ଅନ୍ତର୍ଗତ ଦୁନିଆର ବିଭିନ୍ନ ଦେଶ ଗୁଡିକରେ ଯେଉଁ ସବୁ ସୋଲାର୍ ଏନର୍ଜି, ୱାଟର୍ ପମ୍ପ୍ସ, ମଡେଲ୍ ଭିଲେଜ୍ ଏବଂ ବିଭିନ୍ନ ପ୍ରକାରର କୋଠାବାଡ଼ି ନିର୍ମାଣ ପ୍ରୋଜେକ୍ଟ ଜାରି ରହିଛି, ଏ ସମ୍ବନ୍ଧରେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ନିକଟରେ ବିଭିନ୍ନ ପ୍ରକାରର ବିଷୟ ଉପସ୍ଥାପନ କରି ହିଦାୟତ୍ ଗ୍ରହଣ କଲେ ।

ଦଫ୍ତରି ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ଦିନ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନ୍ୱର୍ ମସ୍ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ଅନ୍ୱର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୭:୧୫ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍କାର୍ କରିବା ଆରମ୍ଭ କଲେ । ଆଜି ୧୬ ଫ୍ୟାମିଲିରୁ ୮୦ଜଣ, ଏତଦ୍‌ବ୍ୟତୀତ ୨୩ ଜଣ ଜଣକିଆ ଲୋକ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହିପରି ମୋଟ ୧୦୩ ଜଣ ଲୋକ ସାକ୍ଷାତ୍ କଲେ । ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୦ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, କାନାଡ଼ା, ଦୁବାଇ, ୟୁ.କେ, ଇଣ୍ଡିଆ, ଜର୍ମାନୀ, ହଲାଣ୍ଡ, ଆୟରଲାଣ୍ଡ, ଶାର୍ଝା, ଗୋଟେମାଲା, ସିରିଆଲିଓନ୍, ଫ୍ରାନ୍ସ, ଗାମ୍ବିଆ, କେନିଆ ଓ ନିଉଜଲାଣ୍ଡ ।

ଏମାନେ ସମସ୍ତେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନ୍ୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ମସ୍ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

(ବହୱାଲା ଅଖ୍‌ବାର୍ ବଦର୍ ୧ ଫେବୃଆରୀ ୨୦୧୮)

୧୩ ଅଗଷ୍ଟ ୨୦୧୭ ରବିବାର

୧୩ ଅଗଷ୍ଟ ରବିବାର ଦିନ ଦଫ୍ତରି ସାକ୍ଷାତ୍କାରର ପ୍ରୋଗ୍ରାମ୍ ସକାଳ ୧୦:୩୦ରେ ଆରମ୍ଭ ହେଲା । ସର୍ବପ୍ରଥମେ ସଦର ସାହିବା ଲଜ୍‌ନା ଇମାଇଲ୍ଲାହ୍ ୟୁ.କେ ଦଫ୍ତରି ସାକ୍ଷାତ୍କାର୍ କରିବାର ସୁଯୋଗ ପାଇଲେ ଏବଂ ବିଭିନ୍ନ ବିଷୟରେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ଠାରୁ ଉପଦେଶ ହାସଲ କଲେ ।

ଏହାପରେ ମୋକରମ୍ ଅବ୍ଦୁର୍ ରହେମାନ୍ ଚାମ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଗାମ୍ବିଆ ଦଫ୍ତରି ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ସେ ଗାମ୍ବିଆ ନିବାସୀ ଅଟନ୍ତି । ଏବଂ ୨୦୧୫ ମସିହାରେ ଜାମିଆ ଅହେମଦୀୟା ୟୁ.କେ ରୁ ଶାହିଦ୍ ପରିକ୍ଷାରେ ଉତୀର୍ଣ୍ଣ ହୋଇ ସେ ସମୟରୁ ଗାମ୍ବିଆରେ ନିଯୁକ୍ତି ପାଇଛନ୍ତି ।

ହଜୁର୍ ଅନ୍ୱର୍ ଅ:ବ:ଅ ପୁଣି ନିର୍ଦ୍ଦେଶ ଦେଇ କହିଲେ ନିଜର ଲୋକ ସମ୍ପର୍କକୁ ବଢ଼ାନ୍ତୁ । ବର୍ତ୍ତମାନ ସରକାର ପରିବର୍ତ୍ତନ ହୋଇସାରିଛି । ଅଧିକରୁ ଅଧିକ ଲୋକମାନଙ୍କ ସହିତ ସମ୍ପର୍କ ହେବା ଉଚିତ୍ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଏମ୍.ଟି.ଏ ଆଫ୍ରିକା ବିଭାଗର ଇନ୍‌ଚାର୍ଯ୍ୟଙ୍କ ଠାରୁ ହିଦାୟତ୍ ଗ୍ରହଣ କରନ୍ତୁ । ଏବଂ ନିୟମିତ ସମ୍ପର୍କ ରଖନ୍ତୁ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଲଜ୍‌ନା ଇମାଇଲ୍ଲାହ୍, ଖୁଦାମୁଲ୍ ଅହେମଦୀୟା ଏବଂ ଅନ୍‌ସାରୁଲ୍ଲାହ୍ ନିଜ ନିଜ ସୀମାରେ ରହି କାମ କରିବା ପାଇଁ ସ୍ୱାଧୀନ ଅଟନ୍ତି । ଏବଂ ଖଲିଫାଏ ୱକ୍ତଙ୍କ ଠାରୁ ହିଦାୟତ୍ ନେଇଥାନ୍ତି । ଆପଣ ଯମାତ୍‌ର ଜଣେ ସସଦ୍ୟ ଭଳି କାମ ନେବେ । ଆପଣ ଖୁଦାମଙ୍କର ମଧ୍ୟ ସାହାଯ୍ୟ କରିବେ । କିନ୍ତୁ ସେମାନଙ୍କ କାମରେ ଇଂଟର୍‌ଫିଅର୍ କରିବନାହିଁ । ତାଙ୍କ ଉପରେ ନିଜର ରାୟକୁ ଥାପିବେ ନାହିଁ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଯୁବ ପିଢ଼ୀକୁ ଶିକ୍ଷିତ କରନ୍ତୁ । ସେମାନଙ୍କର ଟ୍ରେନିଂ ପାଇଁ ପ୍ରୋଗ୍ରାମ୍ ବନାନ୍ତୁ । ଖୁଦାମୁଲ୍ ଅହେମଦୀୟାର ଯେଉଁ ଅହଦ୍ ଅଛି ସେଗୁଡିକ ତାକୁ ମୁଣ୍ଡରେ ପୁରାନ୍ତୁ ଯେ ଆପଣମାନେ ଏହିସବୁ ଅହେଦ୍ କରିଛନ୍ତି, ସେଥିପାଇଁ କୁର୍‌ବାନୀ ଦେବାକୁ ହେବ, ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବାକୁ ପଡ଼ିବ । ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାକୁ ହେବ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଅନ୍ୟ ମାନଙ୍କ ସହିତ ମଧ୍ୟ ସମ୍ପର୍କ ରଖିବାକୁ ହେବ । ମାନବିକତା ହେଉଛି ସର୍ବପ୍ରଥମ । ଧର୍ମ ହେଉଛି ପ୍ରତ୍ୟେକ ଲୋକଙ୍କର ନିଜସ୍ୱ ବ୍ୟାପାର । ପବିତ୍ର କୋରାନ୍‌ରେ ଲା ଇକରାହା ଫିଦ୍ ଦୀନ୍‌ର ଶିକ୍ଷା ଦିଆଯାଇଛି (ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ) । ଆପଣ ଜଣେ ମାନବ ହୋଇଥିବା ଯୋଗୁ ସମସ୍ତଙ୍କ ସହିତ ମାନବିକତାର ସମ୍ପର୍କ ରଖନ୍ତୁ । ଆଁ ହଜରତ୍ ସ:ଆ:ସ ନବୁଓ୍ୱତ୍ ପୂର୍ବରୁ ଅନ୍ୟ ଆରବୀୟ ସର୍ଦ୍ଦାରମାନଙ୍କ ସହିତ ମିଶି ହିଲ୍‌ଫୁଲ୍ ଫୁଜୁଲ୍ ମୁଆହିଦା (ଚୁକ୍ତି) ରେ ଅଂଶ ଗ୍ରହଣ କରିଥିଲେ । ଏବଂ ନବୁଓ୍ୱତ୍‌ର ପଦମର୍ଯ୍ୟାଦା ପାଇବା ପରେ ଏକଦା ପୁନର୍ବାର ଏ କଥାର ପରିପ୍ରକାଶ କଲେ ଯେ ଯଦି ସେହି ଚୁକ୍ତି ପୁନର୍ବାର ନିର୍ଦ୍ଧାରିତ ହୁଏ ତେବେ ମୁଁ ସେଥିରେ ସାମିଲ୍ ହୋଇଯିବି । ମାନବ ଜାତିର ଉନ୍ନତି ନିମନ୍ତେ ପ୍ରତ୍ୟେକ ଜାତି ସହିତ ମିଳିମିଶି କାମ କରିବାକୁ ହେବ । ଅସଲ କଥା ହେଉଛି ପୁଣ୍ୟ ନିୟତ୍‌ରେ କାମ କରିବାକୁ ହେଉ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ବେଲିଜ୍‌ର ସଦର୍ ଜମାତ୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ଦଫ୍ତରି ସାକ୍ଷାତ୍କାର୍ କରିବାର ସୁଯୋଗ ପାଇଲେ । ରେଜିଷ୍ଟ୍ରେସନ୍ ପ୍ରସଙ୍ଗରେ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯେ ଏ ପର୍ଯ୍ୟନ୍ତ ତ ରେଜିଷ୍ଟ୍ରେସନ୍ ହୋଇନାହିଁ, କିନ୍ତୁ ଯେଉଁ ପୁରୁଣା ରେଜିଷ୍ଟ୍ରେସନ୍ ଥିଲା ତାହା ଅନୁସାରେ ଆମକୁ Exemption ମିଳିଯାଇଛି । ଆମେ ଆମ ସେଂଟର୍ ଓ ମସ୍ଜିଦ୍ ନିର୍ମାଣ ପାଇଁ ଜମି କିଣିପାରିବୁ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ସମସ୍ତ ପ୍ରକାର ଜାଏଜା ନେଇ ମୋ ପାଖକୁ ପଠାନ୍ତୁ ଯେ ସେଠାରେ ଜମି କେତେ ଦରରେ ମିଳୁଛି ଏବଂ କେଉଁଠାରେ ମିଳୁଛି । ସହରରୁ କେତେ ଦୂରତାରେ ଅଛି ଏବଂ କେତେ ପରିମାଣର ଜାଗା ଅଛି, ଏହାର ଦାମ୍ କେତେ ଏବଂ କେଉଁ ଇଲାକାରେ ଅଛି । ଏ ସବୁ ଜିନିଷର ଜାଏଜା ନେଇ ନିଜର ରିପୋର୍ଟ ମୋ ପାଖକୁ ପଠାନ୍ତୁ । ପୁଣି ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ F.M ରେଡିଓ ସେଂଟର୍ ପାଇଁ କଣ ଲାଇସେନ୍ସ ମିଳିବ ନାହିଁ ? ଏ ବିଷୟରେ ସନ୍ଧାନ କରନ୍ତୁ ।

ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ କହିଲେ ଯଦି ଯାମିଆ ଅହେମଦୀୟା କାନାଡ଼ାରୁ ଶିକ୍ଷାର୍ଥୀମାନେ ଛୁଟିରେ ଆସିବେ ତେବେ ଲିଫ୍‌ଲେଟ୍‌ସ୍ ବଂଟନ କରିବାର କାର୍ଯ୍ୟକୁ ଆମେ ସାରା ଦେଶ କଭର୍ କରିପାରିବୁ । ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଯେଉଁ ସବୁ ଛୋଟ ଛୋଟ ସହର ଅଛି, ଦେହାତି ଇଲାକା ଅଛି ସେଠାକୁ ଯାଆନ୍ତୁ । ସେହିପରି ସହର ସହିତ ସଲଗ୍ନ ବାହାର ଇଲାକାକୁ ମଧ୍ୟ ଯାଆନ୍ତୁ, ଏ ଲୋକମାନେ ସାଧାସିଧା ଏବଂ ସେମାନେ ଭୌତିକବାଦୀ ନଥାନ୍ତି । ତେଣୁ ସେମାନଙ୍କ ସହିତ ସମ୍ପର୍କ ରଖନ୍ତୁ, ବନ୍ଧୁତ୍ୱ ସ୍ଥାପନ କରନ୍ତୁ । ଫଳତଃ ତବ୍‌ଲିଗ୍‌ର ମାର୍ଗ ଆପେ ଆପେ ହିଁ ଖୋଲିଯିବ । କେବଳ ତବ୍‌ଲିଗ୍ କରିବା ପାଇଁ ଯାଆନ୍ତୁ ନାହିଁ । ପ୍ରଥମେ ସମ୍ପର୍କ ବଢ଼ାନ୍ତୁ, ବନ୍ଧୁତ୍ୱ ସ୍ଥାପନ କରନ୍ତୁ । ତବ୍‌ଲିଗ୍‌ପରେ ସ୍ୱତଃପୃତ ହୋଇଯିବ ।

ନୌମୁବାଇନ୍ ପ୍ରସଙ୍ଗରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ନୌମୁବାଇନ୍‌ଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେରେ ତର୍‌ବିୟତ୍ (ତର୍‌ବିୟତ୍ ଅଧିନରେ) ରଖନ୍ତୁ । ସେମାନଙ୍କର୍ ତର୍‌ବିୟତ୍ କରନ୍ତୁ । ତିନିବର୍ଷ ପରେ ମେନ୍ ଷ୍ଟ୍ରିମ୍‌ର ଅଂଶ ସେମାନେ ହୋଇଯିବେ । ଏବଂ ନିଜାମେ ଯମାତ୍ ସହିତ ଯୋଡ଼ି ହେବେ । ଯଦି ଛଅ ମାସ ବା ଗୋଟିଏ ବର୍ଷ ପରେ ସେମାନଙ୍କୁ ମେନ୍ ଷ୍ଟ୍ରିମ୍‌ର ଅଂଶ ରୂପେ ବନାଇଦେବେ ତେବେ ସେମାନେ ଦୂରେଇ ଯିବେ । ତେଣୁ ବର୍ତ୍ତମାନ ସେମାନଙ୍କୁ ନିଜ ତତ୍ତ୍ୱାବଧାନରେ ରଖି ତର୍‌ବିୟତ୍ କରନ୍ତୁ ଏବଂ ସେମାନଙ୍କ ପ୍ରତି ଧ୍ୟାନ ଦିଅନ୍ତୁ ।

ଲଜ୍‌ନା କ୍ଲାସ୍ ପ୍ରସଙ୍ଗରେ କହିଲେ ଯେ ଲଜ୍‌ନା ମାନଙ୍କ ନିମନ୍ତେ କ୍ଲାସ୍ ଅଲଗା କରନ୍ତୁ । ଏବଂ ସେମାନଙ୍କ ତାଲିମ୍ ଓ ତର୍‌ବିୟତ୍‌ର ବ୍ୟବସ୍ଥା ମଧ୍ୟ ହେଉ । ବାସ୍କେଟ୍ ବଲ୍ ଟୁର୍ଣ୍ଣାମେଂଟ୍ ପ୍ରସଙ୍ଗରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଏହା ଠିକ୍ ଅଛି, ଭଲ ପ୍ରୋଗ୍ରାମ୍ ଅଟେ । ଯଦି ଗ୍ରୁପ୍ ବଢ଼ାଇବା ପାଇଁ ଚାହୁଁଛ ତେବେ ନିଶ୍ଚିତ ରୂପେ ବଢ଼ାଓ । ଏହା ତବ୍‌ଲିଗ୍‌ର ଗୋଟିଏ ଭଲ ମାଧ୍ୟମ ହୋଇଗଲା । ଟୁର୍ଣ୍ଣାମେଂଟ୍ ପାଇଁ ମେକ୍‌ସିକୋ ଯିବା ନିମନ୍ତେ ଯାହା ସବୁ ଖର୍ଚ୍ଚ ଆସିବ ସେଗୁଡିକୁ ନିଜ ବାର୍ଷିକ ବଜେଟ୍‌ରେ ରଖନ୍ତୁ ।

ନୌମୁବାଇନ୍ ମାନଙ୍କ ତାଲିମ୍ ଓ ତର୍‌ବିୟତ୍ ପ୍ରସଙ୍ଗରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ନୌମୁବାଇନ୍ ମାନଙ୍କ ପାଇଁ ଗୋଟିଏ ବା ଦୁଇ ସପ୍ତାହର ରିଫ୍ରେସର୍ କୋର୍ସ କରାନ୍ତୁ । ସେଥିରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦାୱା ବିଷୟରେ ସ୍ପଷ୍ଟ ରୂପେ ବତାନ୍ତୁ ଯେ ଯେଉଁ ମସିହଙ୍କୁ ଆସିବାର ଥିଲା ସେ ଆସି ସାରିଛନ୍ତି । ଯାହାଙ୍କର ଅପେକ୍ଷା ଥିଲା ସେ ହେଉଛନ୍ତି ଆପଣ ସ:ଆ:ସ ଓ ମସିହ୍ ମଉଦଙ୍କର ଷ୍ଟାଟସ୍ ନବୀଙ୍କ ବରାବର୍ ଅଟେ । ସେ ଜିଲି ଭାବେ ନବୀ ଅଟନ୍ତି । ଯିଏ ବୟତ୍ କରିବା ପାଇଁ ପ୍ରସ୍ତୁତ ହେଉଛି ତାଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦାୱା (ଦାବୀ) ଗୁଡିକ ଜଣାଯିବା ଉଚିତ୍ । ସେ ଜାଣିବା ଦରକାର୍ ଯେ ହଜରତ୍ ମସିହ୍ ମଉଦ୍ ଆ:ସ କଣ କଣ ଦାୱା କରିଛନ୍ତି ।

ରିସ୍ତାନାତା ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତର ଦେଇ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଯେ ରିସ୍ତାନାତାର ସମସ୍ୟା ସବୁ ଯାଗାରେ ରହିଛି । ମେକ୍‌ସିକିୟ ଓ ସ୍ପେନିୟ ଦେଶ ଗୁଡିକରେ ଲୋକମାନେ ନିଜ ଭିତରେ ହିଁ ରିସ୍ତା କରିବାକୁ ଚାହୁଁଛନ୍ତି । ତେଣୁ ଚେଷ୍ଟା କର ଯେ ଅଧିକରୁ ଅଧିକ ବିବାହ ତାଙ୍କ ନିଜ ଜାତି ଭିତରେ ହିଁ ହେଉ । ରିସ୍ତାନାତା ପ୍ରସଙ୍ଗରେ କଠିନ ସର୍ତ ରଖାଯାଇପାରିବ ନାହିଁ । ଆପଣଙ୍କୁ ସେମାନଙ୍କ ସହିତ ପୂର୍ବଠାରୁ ବଳି ଅଧିକ ସମ୍ପର୍କ ରଖିବାକୁ ହେବ । ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରୁ କେହି ନଷ୍ଟ ହେବେନାହିଁ । ଏବଂ ସେମାନଙ୍କର ପିଲାମାନେ ନଷ୍ଟ ନହୁଅନ୍ତୁ ।

ହଜୁର୍ ଅନ୍ୱର୍ ଅ:ବ:ଅ ପୁଣି କହିଲେ ଯଦି ସେମାନଙ୍କ ପିଲାମାନେ ସ୍କୁଲରେ ପଢ଼ୁଛନ୍ତି ଓ ସେମାନଙ୍କୁ କିଛି ସାହାଯ୍ୟ ଦରକାର ପଡ଼େ ତେବେ ଆପଣମାନେ ନିଜ ବଜେଟ୍‌ରେ ଏହାକୁ ରଖି ମୋ ପାଖକୁ ପଠାନ୍ତୁ ଯେ ଏତେ ମାତ୍ରାରେ ସାହାଯ୍ୟ ପାଇଁ ଅର୍ଥ

ଆବଶ୍ୟକ ରହିଛି । ଚେଷ୍ଟା କରନ୍ତୁ ଯେ କୌଣସି ଅହେମଦୀ ପିଲା ଶିକ୍ଷାରୁ ଯେମିତି ବଂଚିତ ନରହେ ।

ମୁବଲ୍ଲିଗ୍ ସାହେବ୍ଙ୍କ ପଚାରିବାରୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଦୀନ୍ ଏହା କହୁଅଛି ଯେ କ୍ଷମା କର ଏବଂ ଯେଉଁମାନେ ପେଶାରେ ଅପରାଧି ଅଟନ୍ତି ସେମାନଙ୍କୁ ଦଣ୍ଡ ମଧ୍ୟ ଦିଅ, ଯଦ୍ୱାରା ତାଙ୍କର ସୁଧାର ହୋଇପାରିବ । ଅସଲ ଲକ୍ଷ୍ୟ ହେଉଛି ଲୋକଙ୍କର ସୁଧାର ହେଉ । କ୍ଷମା ଦେବା ଦ୍ୱାରା ବା ଦଣ୍ଡ ଦେବା ଦ୍ୱାରା ଯେଉଁଥିରେ ମଧ୍ୟ ସୁଧାର ହୋଇପାରିବ ସେ ରାସ୍ତାକୁ ଗ୍ରହଣ କରାଯାଉ । ଆମେ ଧାର୍ମିକ ଶିକ୍ଷା ତାକୁ ଦେବା, ଯଦି କିଏ ନମାନେ ତେବେ ତାହା ହେଉଛି ତାର ବ୍ୟକ୍ତିଗତ ଇଚ୍ଛା । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କାହାକୁ ହତ୍ୟା କରିବାର ଯେଉଁ ଅପରାଧ ଅଛି ଏ ବାବଦରେ ଅଲ୍ଲାହତାଲା କହୁଛନ୍ତି ଯେ ମୁଁ ଅପରାଧିକୁ ଜହନ୍ନମ୍ (ନର୍କ) ରେ ପକାଇବି । ଯମାତ୍ କେବଳ ତାଲିମ୍ ଓ ତର୍ବିୟତ୍ ପାଇଁ ଚେଷ୍ଟା କରିପାରେ ଏବଂ ଧ୍ୟାନ ଆକର୍ଷଣ କରିପାରିବ । ସରକାର୍ ଅପରାଧିକୁ ଧରନ୍ତୁ ଓ ଦଣ୍ଡ ଦିଅନ୍ତୁ । ଯଦି ଆଜିବନ କାରାଦଣ୍ଡ ଥାଏ ତେବେ ଆଜିବନ କାରାଦଣ୍ଡ ଦିଅନ୍ତୁ । ଏହା ତ ସରକାରଙ୍କ କାର୍ଯ୍ୟ ଅଟେ । ଏବେ ସେମାନଙ୍କୁ ଇସ୍‌ଲାମୀୟ ଦଣ୍ଡ ଆଡକୁ ଆସିବାକୁ ହେବ । ଜୀବନ ବଦଳରେ ଜୀବନ ନେବା ଉପରେ ଅମଲ କରିବା ଦ୍ୱାରା ଅପରାଧ କମ୍ ହେବ ।

ଏହାପରେ ଅମୀର୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ସିନିଗାଲ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପାଇଲେ । ଅମୀର୍ ସାହେବ୍ କହିଲେ ଯେ ସହରର ବାହାରେ ଆମର ଗୋଟିଏ ବହୁତ ବଡ଼ ଯାଗା ଅଛି । ସେଠାରେ ମର୍କଜି ମସ୍‌ଜିଦ୍ ଓ ଯମାତି ସେଂଟର୍ ନିର୍ମାଣ କରିବାର ଯୋଜନା ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯାହା କିଛି ଯୋଜନା ଅଛି ତାହା ବନାନ୍ତୁ । ନିର୍ମାଣ ତ ଅଲଗା ଅଲଗା ଫେଜ୍‌ରେ କରିବାକୁ ପଡ଼ିବ । ଆର୍କିଟେକ୍ଟ୍ ଯିବେ, ଯାଗାକୁ ଦେଖିବେ, ପୁଣି ଅନୁଧ୍ୟାନ କରିବେ । ତେଣୁ ଯେଉଁ ନକ୍‌ସା ଆପଣମାନେ ବନାଇଛନ୍ତି ସେଗୁଡିକୁ ଆର୍କିଟେକ୍ଟ୍ ବିଭାଗକୁ ଦେଇଦିଅନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠାରେ ଯମାତ୍ ଅଛି ସେଠାରେ ଆପଣ ଛୋଟ ଛୋଟ ମିସନ୍ ହାଉସ୍ ଓ ମସ୍‌ଜିଦ୍ ବନାଇପାରିବେ । ଏବଂ ଯେଉଁଠାରେ ଆପଣଙ୍କ ପାଖରେ ଯାଗା ଅଛି ସେଠାରେ ଜାଏଜା ନିଅନ୍ତୁ ଯେ ଗୋଟିଏ ଛୋଟ ମସ୍‌ଜିଦ୍ ଓ ମିସନ୍ ହାଉସ୍ ନିର୍ମାଣ ନିମନ୍ତେ କେତେ ଖର୍ଚ୍ଚ ଆସିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ନିଜର ସମ୍ପର୍କକୁ ବଢ଼ାନ୍ତୁ । ଅଧିକରୁ ଅଧିକ ଫିଲ୍‌ଡ୍ ଓ୍ୱାକ୍ କରନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ରେଡିଓ ଷ୍ଟେସନ୍ ସ୍ଥାପନ ପ୍ରସଙ୍ଗରେ କହିଲେ କି ଆପଣ ଦରଖାସ୍ତ ଦିଅନ୍ତୁ । ପ୍ରୋସେସ୍ ପାଇଁ ସମୟ ତ ଲାଗିବ । ବୁର୍କିନାଫାସୋର ଲୋକେ ଏ ବିଷୟ ଜାଣିଛନ୍ତି । ସେମାନେ ଆପଣଙ୍କୁ ବତାଇବେ ଯେ କଣ ଆବଶ୍ୟକ ପଡ଼ିବ ଏବଂ କିପରି ଇନ୍‌ଷ୍ଟଲ୍ କରିବାକୁ ହେବ ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କର ଯେଉଁ ଅଧିକା ମର୍କଜି ମୁବଲ୍ଲିଗ୍‌ର ମୁତାଲବା ଅଛି ସେଗୁଡିକ ଲେଖି ତବ୍‌ଶିର୍‌କୁ ଦେଇଦିଅନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟ୍ରାନ୍‌ସ୍‌ପୋର୍ଟର ଆବଶ୍ୟକତା ପ୍ରସଙ୍ଗରେ ମଧ୍ୟ କିଛି ଇନ୍ତେଜାମି ହିଦାୟତ୍ ଦେଲେ ।

ଏହାପରେ ମୁବଲ୍ଲିଗ୍ ସିଲ୍‌ସିଲା କାନାଡ଼ା ଇସ୍‌ଫନ୍ଦ୍ ସୁଲେମାନ୍ ଅହେମଦ୍ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୁଯୋଗ ପାଇଲେ ଓ କିଛି ଇନ୍ତେଜାମି ବିଷୟ ଉପସ୍ଥାପନ କରି ହଜୁର୍‌ଙ୍କ ଠାରୁ ଉପଦେଶ ଗ୍ରହଣ କଲେ ।

ଏହାପରେ ମଖ୍‌ଜନେ ତସାଓ୍ୱିର୍ ୟୁ.କେ ବିଭାଗର ଇନ୍‌ଚାର୍ଯ୍ୟ ସାହେବ୍, ଇନ୍‌ଚାର୍ଯ୍ୟ ସାହେବ୍ ଅନ୍‌ସାର୍ ସେକ୍‌ସନ୍ ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ, ଇନ୍‌ଚାର୍ଯ୍ୟ ସାହେବ୍ ରକିମ୍ ପ୍ରେସ୍ ୟୁ.କେ ଏବଂ ଏମ୍.ଟି.ଏ ର ଡିରେକ୍ଟର୍ ପ୍ରୋଗ୍ରାମିଂ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିଲେ ଏବଂ ନିଜ ନିଜ ବିଭାଗ ସମ୍ପର୍କୀୟ ଅନେକ ମାମଲାଗୁଡିକୁ ଉପସ୍ଥାପନ କରି ହିଦାୟତ୍ ହାସଲ କଲେ ।

ଦଫ୍‌ତରି ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ଦିନ ୨ଟି ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ଠାରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଜଣକିଆ ଓ ପାରିବାରିକ ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ସଦସ୍ୟମାନେ ଓ ପରିବାରଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର କରିବା ଆରମ୍ଭ କଲେ । ଆଜି ୧୬ଟି ଫ୍ୟାମିଲିରୁ ୯୦ ଜଣ, ଏତଦ୍‌ବ୍ୟତୀତ ୨୩ଜଣ ଜଣକିଆ ଲୋକେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହିପରି ମୋଟ ୧୧୩ଜଣ ଲୋକ ସାକ୍ଷାତ୍‌କଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୪ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, କାନାଡ଼ା, ଆମେରିକା, ଗୋଟେମାଲା, ସିରିଆଲିଓନ୍, ଇଣ୍ଡିଆ, ଜର୍ମାନୀ, ହଲାଣ୍ଡ, ଫ୍ରାନ୍‌ସ୍, ଗାମ୍ବିଆ, କେନିଆ, ଆୟରଲାଣ୍ଡ, ନିଉଜ୍‌ଲାଣ୍ଡ ଏବଂ ୟୁ.କେ । ଏମାନେ ସମସ୍ତେ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କଲମ ଉପହାର କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପର ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ଠାରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଓ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

**୧୪ ଅଗଷ୍ଟ ୨୦୧୭ ସୋମବାର**

ଆଜି ମୋକରମ୍ ନାଜେର୍ ସାହେବ୍ ଆଲା, ମୋକରମ୍ ନାଜେର୍ ସାହେବ୍ ଦିଓ୍ୱାନ୍, ମୋକରମ୍ ଆଡ୍‌ମିନିଷ୍ଟର୍ ସାହେବ୍ ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍, ମୋକରମ୍ ଇନ୍‌ଚାର୍ଯ୍ୟ ସାହେବ୍ ହୋମିଓପାଥିକ୍ ଡିପାର୍ଟମେଂଟ୍, ମୋକରମ୍ ଏଡିଟର୍ ସାହେବ୍ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ, ମୋକରମ୍ ଆଡିଶିନାଲ୍ ଓ୍ୱକିଲୁଲ୍ ମାଲ୍ ସାହେବ ଲଣ୍ଡନ, ଆଡିଶିନାଲ୍ ଓ୍ୱକିଲୁଲ୍ ତବଶିର୍ ଲଣ୍ଡନ୍ ଏବଂ ସଦର ଓ ମୁବଲ୍ଲିଗ୍ ସିଲ୍‌ସିଲା ଫିଲିପାଇନ୍ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ହାସଲ କଲେ ଏବଂ ବିଭିନ୍ନ ମାମଲାକୁ ଉପସ୍ଥାପନ କରି ହିଦାୟତ ଗ୍ରହଣ କଲେ ।

ସଦର ଜମାତ୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଯ୍ୟ ସାହେବ୍ ଫିଲିପାଇନ୍ ସାକ୍ଷାତ୍‌କାର୍ ସମୟରେ କହିଲେ ଯେ କିଛି ଲୋକ ଯେଉଁମାନେ ଆଜାଏଲମ୍‌ରେ ଅଛନ୍ତି, ଯେଉଁମାନେ କେସ୍ ପାସ୍ ହେବା ପରେ ଅନ୍ୟ କୌଣସି ଦେଶକୁ ଯାଇପାରିବେ ନାହିଁ, ସେଥିଯୋଗୁ ହଇରାଣ ହରକତ ହେଉଛନ୍ତି ଏବଂ କାମ ମଧ୍ୟ କରୁନାହାଁନ୍ତି । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେଠାରେ ରହି ପରିଶ୍ରମ କରିବାକୁ ହେବ । ଏବଂ ଟଙ୍କା ରୋଜଗାର ନିମନ୍ତେ କାମ କରିବାକୁ ପଡ଼ିବ । ଯଦି ପରିଶ୍ରମ କରି ଓ କାମ କରି ସେଠାରେ ରହିପାରନାହାଁନ୍ତି ତେବେ ସେମାନଙ୍କୁ କହିଦିଅ ଯେ ଭଲ ହେବ ପୁଣି ପାକିସ୍ତାନ୍ ଫେରିଯାଓ ।

ଶୁରାର ବ୍ୟବସ୍ଥା ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଫିଲିପାଇନ୍‌ରେ ଶୁରାର ବ୍ୟବସ୍ଥା ଆରମ୍ଭ କରନ୍ତୁ । ନ୍ୟାସ୍‌ନାଲ୍ ଆମେଲାର ମେମ୍ବରମାନେ ହୁଅନ୍ତୁ ବା ଯମାତ୍ ଗୁଡିକର ସଦର ହୁଅନ୍ତୁ ବା କାଇଦା ମୁତାବକ ଜେଲି ତନ୍‌ଜିମ୍‌ର ସଦସ୍ୟ ହୁଅନ୍ତୁ । ଆପଣ ନିଜ ତଜ୍‌ନିଦ୍‌ରୁ ୭୦ଜଣ ସଦସ୍ୟଙ୍କୁ ନେଇ ମଜ୍‌ଲିସ୍ ଶୁରା ବନାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ:- ନୁଆ ଜମାତ୍ ଅଛି । ଆପଣଙ୍କୁ ସେଠାରେ ସେମାନଙ୍କର ମିଜାଜ୍ ମୁତାବକ କାମ କରିବାକୁ ପଡ଼ିବ । ଧିରେ ଧିରେ କାମ କରିବାକୁ ହେବ । ତର୍‌ବିୟତ୍ ନିମନ୍ତେ ଗୋଟିଏ ଛୋଟ ପ୍ଲାନ୍ ବନାନ୍ତୁ । ଏବଂ ଆଉ ଗୋଟିଏ ବଡ଼ ପ୍ଲାନ୍ ବନାନ୍ତୁ । ଛୋଟ ପ୍ଲାନ୍‌ରେ ନମାଜ ପାଠ ପ୍ରତି ଧ୍ୟାନ ଆକର୍ଷଣ କରାଯାଉ, କିଛି ଦୀନି ଇଲମ୍ ଶିକ୍ଷାଯାଉ ଓ ଇଜ୍‌ଲାସ୍ ଗୁଡିକରେ ଉପସ୍ଥାନ ବଢ଼ାନ୍ତୁ । ସେମାନଙ୍କୁ ଜମାତ୍‌ର କାମରେ ସାମିଲ୍ କରାନ୍ତୁ । ଖୁଦାମ୍‌ଙ୍କୁ ଖେଳରେ ସାମିଲ୍ କରାନ୍ତୁ । ଆଟାଚ୍‌ମେଂଟ୍ ହୋଇଯିବ । ସେମାନଙ୍କୁ ମାଲି ନେଜାମ୍‌ରେ ସାମିଲ୍ କରାନ୍ତୁ । ମାଲି କୁର୍‌ବାନି ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ କରାନ୍ତୁ । ଏମ୍.ଟି.ଏର ଗୁରୁତ୍ୱ ବତାନ୍ତୁ । ଏବଂ ଏମ୍.ଟି.ଏ ସହିତ ସେମାନଙ୍କୁ ଯୋଡ଼ି ଦିଅନ୍ତୁ ।

ଫିଲିପାଇନ୍‌ଠାରେ ନୁଆ ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ଜାଏଜା ନେବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ଇନ୍ତେଜାମି ବିଷୟରେ ହିଦାୟତ୍ ପ୍ରଦାନ କଲେ । ଖୁତ୍‌ବାଜୁମାର ଅନୁବାଦ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସ୍ଥାନୀୟ ଭାଷାରେ ଖୁତ୍‌ବାଜୁମା ଗୁଡିକୁ ଅନୁବାଦ କରି ପ୍ରତ୍ୟେକ ବ୍ୟକ୍ତିକୁ ପହଂଚାନ୍ତୁ ଏବଂ ଆର ଜୁମାରେ ଅଡ଼ିଓ, ଭିଡ଼ିଓ ମଧ୍ୟ ଜମାତ୍‌ରେ ଶୁଣାନ୍ତୁ । ଜମାତ୍ ଗୁଡିକରେ ଏମ୍.ଟି.ଏର ଡିସ୍ ଆଂଟିନା ସ୍ଥାପନା କରିବା ପ୍ରସଙ୍ଗରେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ଉପଦେଶ ପ୍ରଦାନ କଲେ ।

ତବ୍‌ଲିଗ୍ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଦୁଇଚାରି ଜଣ ଲୋକଙ୍କୁ ନେଇ ତବ୍‌ଲିଗ୍ ପାଇଁ ଟ୍ରେଂଡ୍ କରନ୍ତୁ । ପୁଣି ଧିରେ ଧିରେ ଆପଣଙ୍କ ଟିମ୍ ବଢ଼ି ଚାଲିବ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଜମାତ୍‌ର ବାର୍ତା ପହଂଚାଇବା ପାଇଁ ବ୍ରୋଶର୍ ବଂଟନ କରନ୍ତୁ । ଲୋକମାନଙ୍କୁ ବତାନ୍ତୁ ଯେ ମସିହ୍ ଆସିଯାଇଛନ୍ତି । ତେଣୁ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷାଗୁଡିକ ସେମାନଙ୍କୁ ବତାନ୍ତୁ । ଯେଉଁ ଅତିଥିଜଣକ ଆପଣଙ୍କ ସହିତ ଆସିଥିଲେ ତାଙ୍କ ସହିତ ମିଶି ତବ୍‌ଲିଗ୍ କରନ୍ତୁ । କାରଣ ସେ ତବ୍‌ଲିଗ୍ କରିବା ପାଇଁ ଚାହୁଁଥିଲେ । ସହରରୁ ବାହାରି ତବ୍‌ଲିଗ୍ କରନ୍ତୁ । ଗାଁ ଗାଁ ରେ ପହଂଚନ୍ତୁ । ଦେହାତି ଇଲାକାକୁ ଯାଆନ୍ତୁ । ଏପରି ପ୍ଲାନ୍ କର ଯାହା ବାସ୍ତବିକତା ଉପରେ ପରିବେଷ୍ଟିତ ଥିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ହଜ୍‌ରତ୍ ଇଶା ଆଲୈହିସ୍ ସଲାମ୍‌ଙ୍କର ୧୨ଜଣ ହଓ୍ୱାରି ଥିଲେ । ହଜ୍‌ରତ୍ ମୁସା ଆଲୈହିସ୍ ସଲାମ୍‌ଙ୍କର ମଧ୍ୟ ୧୨ଜଣ ହଓ୍ୱାରି ଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଓ୍ୱିମ୍ବିଲେ କନ୍‌ଫରେନ୍‌ସରେ ନିଜ ସହିତ ୧୨ଜଣ ହଓ୍ୱାରି ଆଣିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ ମଧ୍ୟ ୧୦-୧୨ଜଣ ଲୋକଙ୍କୁ ତବ୍‌ଲିଗ୍ ପାଇଁ, ବାର୍ତା ପହଂଚାଇବା ନିମନ୍ତେ ଓ ଅନ୍ୟମାନଙ୍କୁ ତର୍‌ବିୟତ୍ କରିବା ପାଇଁ ପ୍ରସ୍ତୁତ କରନ୍ତୁ । ଯେଉଁଠି ଜମାତ୍ କାଏମ୍ ଅଛି, ସେମାନଙ୍କୁ ଭଲ ରୂପେ ଏଷ୍ଟାବ୍ଲିସ୍ କରନ୍ତୁ । ପୁଣି ଆଗକୁ

ବଢ଼ନ୍ତୁ ଓ ଆହୁରି ଅଧିକା ଷ୍ଟେସନ୍ ବନାଇ ଚାଲନ୍ତୁ । ପ୍ରଥମେ ଗୋଟିଏ ସ୍ଥାନରେ ପାଦ ମଜ୍‌ବୁତ୍ କରନ୍ତୁ, ପୁଣି ଛାଉଣି ବନାନ୍ତୁ, ପୁଣି ଆଗକୁ ବଢ଼ିବାର ମାର୍ଗ ପ୍ରସ୍ତୁତ ହେଉ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଗୋଟିଏ ଜେନେରାଲ୍ ତବ୍‌ଲିଗ୍ ଅଛି ତାହା କରନ୍ତୁ । ପ୍ରତ୍ୟେକ ଲୋକଙ୍କୁ ବାର୍ତା ପହଂଚାନ୍ତୁ ଓ ପ୍ରତ୍ୟେକ ସ୍ଥାନରେ ପହଂଚାନ୍ତୁ । ଯେତେବେଳେ ବ୍ରେକ୍ ଥ୍ରୁ ହେବ ତେବେ ପୂର୍ବରୁ ସମସ୍ତଙ୍କୁ ଅହେମଦୀୟତ୍‌ର ବାର୍ତା ବିଷୟ ଜଣାଥିବ । ଜମାତ୍ ବିଷୟରେ ଜାଣିଥିବେ । ଆଉଗୋଟିଏ ତବ୍‌ଲିଗ୍ ଏହା ମଧ୍ୟ ଯେ ଜମାତ୍ ଗୁଡିକ ସୁଦୃଢ଼ ହୁଅନ୍ତୁ । ମଜ୍‌ବୁତ୍ ଓ କର୍ମଠ ହୁଅନ୍ତୁ, ସୁସଂଗଠିତ ହୁଅନ୍ତୁ, ଉତମ ତର୍‌ବିୟତ୍‌ର ଅଧିକାରୀ ହୁଅନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସେଠାରେ ଫିଲିପାଇନ୍‌ରେ ଇଣ୍ଡୋନେସିୟ ଲୋକମାନେ ମଧ୍ୟ ଥିଲେ । ସେମାନଙ୍କୁ କିପରି ତବ୍‌ଲିଗ୍ କରିବାକୁ ହେବ ଏହାର ମଧ୍ୟ ଜାଏଜା ନିଅନ୍ତୁ । ୫-୭ ବର୍ଷ ତ ସର୍ଭେ କରି ବିତିଯାଏ । ପୁଣି ସେ ସମୟରେ ୫-୭ ଜଣ ଲୋକ କାମ କରିବା ବାଲା ମିଳିଯାଆନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ଜେଲ୍ ସହିତ ମଧ୍ୟ ସମ୍ପର୍କ ରଖନ୍ତୁ । ଏବଂ ଏ ସମ୍ପର୍କ ଦ୍ୱାରା ସେମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ଭାବରେ ଇସ୍‌ଲାମ୍‌ର ଶିକ୍ଷା ବତାନ୍ତୁ । ପ୍ରଥମେ ଜାଏଜା ନିଅନ୍ତୁ । ପୁଣି ବୁଦ୍ଧିମତାର ସହିତ ବାର୍ତା ପହଂଚାନ୍ତୁ । ନିଜ ନିଜର ପରିଧିରେ ଲୋକ ସମ୍ପର୍କ ବଢ଼ାନ୍ତୁ । ପୋଲିସ୍ କମିଶନର୍, ସେନା, ବ୍ୟୁରୋକାର୍ଟସ୍‌ଙ୍କ ସହିତ ନିଜ ସମ୍ପର୍କ ବଢ଼ାନ୍ତୁ । ଯେଉଁ ସବୁ ଭିଡ଼ିଓ ଅଛି ସେଗୁଡିକ ପ୍ରସ୍ତୁତ କରି ଦେଖାନ୍ତୁ । ପାର୍ଲିଆମେଂଟ୍‌ରେ ଦିଆଯାଇଥିବା ଅଭିଭାଷଣ ଅଛି, କ୍ୟାପିଟାଲ୍ ହିଲ୍‌ରେ ପ୍ରଦାନ କରାଯାଇଥିବା ଅଭିଭାଷଣ, ୟୁରୋପିୟାନ୍ ପାର୍ଲିଆମେଂଟ୍‌ରେ ଦିଆଯାଇଥିବା ଅଭିଭାଷଣ ଇତ୍ୟାଦି । ୧୦-୧୫ ମିନିଟ୍‌ର ଭିଡ଼ିଓ ଦେଖାନ୍ତୁ । ତା ସହିତ ବ୍ରୋଶର୍ ଦିଅନ୍ତୁ । ସେମାନେ ଜାଣିବେ ଯେ ଜମାତ୍ ଅମୁକ ଅମୁକ ସେବା କରି ଆସୁଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବର୍ଷକରେ ଥରେ ବା ଦୁଇଥର କୌଣସି ଭଲ ହୋଟେଲ୍‌ରେ ଫଙ୍କ୍‌ସନ୍ କରନ୍ତୁ, ସେମିନାର୍ କରନ୍ତୁ, ପିସ୍ ସିମ୍ପୋଜିୟମ୍ କରନ୍ତୁ ଏବଂ ଏଥିରେ ମୁଖ୍ୟ ମୁଖ୍ୟ ଲୋକଙ୍କୁ ନିମନ୍ତ୍ରଣ ଦେଇ ଡାକନ୍ତୁ । ସେହିପରି ସେ ଇଲାକାରେ ଥିବା ବଡ଼ ବଡ଼ ମୌଲବୀଗଣଙ୍କୁ ନିମନ୍ତ୍ରଣ ଦିଅନ୍ତୁ । ଲୋକ ସମ୍ପର୍କ ରଖିବା ପାଇଁ ସେମାନଙ୍କ ସହିତ ସମ୍ବନ୍ଧ ଯୋଡ଼ନ୍ତୁ । ଏହିସବୁ କାମ ପାଇଁ ଆପଣମାନଙ୍କ ନିକଟରେ ବଜେଟ୍ ରହିବା ଉଚିତ୍ । ମୋ ଲେକ୍‌ଚର୍ ଗୁଡିକ ପ୍ରଦର୍ଶନ କରନ୍ତୁ । ଅନ୍ୟାନ୍ୟ ମୁଖ୍ୟ ଲୋକମାନଙ୍କର ଏ ବିଷୟରେ ଥିବା ମନୋଭାବ ଗୁଡିକ ପ୍ରଦର୍ଶନ କରନ୍ତୁ ।

ପବିତ୍ର କୋରାନ୍‌ର ଅନୁବାଦ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପବିତ୍ର କୋରାନ୍‌ର ଅନୁବାଦ ଯଦି କରୁଛନ୍ତି ତେବେ ତାକୁ ଏବର୍ଷ ଛପାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ହ୍ୟୁମାନିଟି ଫାର୍ଷ୍ଟର ପ୍ରୋଜେକ୍ଟ ଗୁଡିକ ରିମୋର୍ଟ ଏରିୟାରେ କରନ୍ତୁ । ଏ ବିଷୟରେ ଯାହା ବି ପ୍ରୋଗ୍ରାମ୍ ଅଛି ସେଗୁଡିକ ଲେଖି ତବ୍‌ଶିର୍‌କୁ ପଠାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୁବଲ୍ଲିଗ୍ ସିଲ୍‌ସିଲା ଫିଲିପାଇନ୍‌କୁ ଉପଦେଶ ଦେଇ କହିଲେ ନିଜ ମନୋବଳକୁ ବଢ଼ାନ୍ତୁ । ଇସ୍‌ତେଗ୍‌ଫାର୍ କରିଚାଲନ୍ତୁ ଓ ଲା ହଓ୍ୱଲ୍ ପଢ଼ନ୍ତୁ । ନିଜକୁ ଛୋଟିଆ ପିଲା ଭାବନ୍ତୁ ନାହିଁ ଏବଂ ବ୍ୟତୀବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କ ସମ୍ମୁଖରେ ଏହି ପଦଟି ରହିବା ଉଚିତ୍ ।

*ମେହ୍‌ମୁଦ୍ କରକେ ଛୋଡେଙ୍ଗେ ହମ୍*
*ହକ୍ କୋ ଆଶ୍‌କାର୍*
*ରୁଏ ଜମିନ୍ କୋ ଖ୍ୱାହ୍*
*ହିଲାନା ପଡ଼େ ହମେ ।*

**ବିବିସି ଓ୍ୱାର୍ଲଡ୍‌ର ଜର୍ନାଲିଷ୍ଟଙ୍କ ସହିତ ସାକ୍ଷାତ୍‌କାର୍**

ଏହା ବ୍ୟତୀତ ବିବିସି ଓ୍ୱାର୍ଲଡ୍‌ର ଜଣେ ଜର୍ନାଲିଷ୍ଟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଇଂଟରଭ୍ୟୁ ମଧ୍ୟ ନେଲେ । ଏହି ଜର୍ନାଲିଷ୍ଟ ଜଣକ ଜଲ୍‌ସା ସାଲାନା ୟୁକେ ୨୦୧୭ ପ୍ରସଙ୍ଗରେ ଗୋଟିଏ ଡକ୍ୟୁମେଂଟାରୀ ପ୍ରସ୍ତୁତ କରିଥିଲେ, ଯେଉଁଥିରେ ବ୍ୟାପକ ପରିଚୟ, ଜଲ୍‌ସାର ଉଦ୍ଦେଶ୍ୟ, ନୌମୁବାଇନ୍‌ଙ୍କ ସହିତ ସାକ୍ଷାତ୍‌କାର୍ ଓ ଜମାତ୍ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା । ଏହି ଡକ୍ୟୁମେଂଟାରୀ ବିବିସି ଓ୍ୱାର୍ଲଡ୍ ଚ୍ୟାନେଲ୍‌ର ପ୍ରସିଦ୍ଧ ପ୍ରୋଗ୍ରାମ୍ Heart and Soul ରେ The Caliphate in the countryside ନାମରେ ପ୍ରସାରଣ ହେଲା । ଏହି ଡକ୍ୟୁମେଂଟାରୀକୁ ସାରା ଦୁନିଆରେ ବହୁତ ପ୍ରଶଂସା କରାଗଲା । ଏହି ଡକ୍ୟୁମେଂଟାରୀରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁର ନିମ୍ନଲିଖିତ ଅଂଶକୁ ମଧ୍ୟ ପ୍ରସାରଣ କରାଗଲା ।

ଜର୍ନାଲିଷ୍ଟ ଜଣକ ପଚାରିଲେ ଯେ ବର୍ତମାନ ସମୟରେ ଖିଲାଫତ୍‌ର ଆବଶ୍ୟକତା କଣ ଅଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବର୍ତମାନ ସମୟରେ ଅନେକ ତଥାକଥିତ ମୁସଲ୍‌ମାନ୍ ଓ୍ୱଲେମାମାନେ ପବିତ୍ର କୋରାନ୍‌ର ଶିକ୍ଷା ଗୁଡିକୁ ଭୁଲ୍ ରୂପେ ଉପସ୍ଥାପନ କରୁଛନ୍ତି । ଜିହାଦ୍‌ର ଅର୍ଥ କେବଳ ଚେଷ୍ଟା ଅଟେ । ଏବଂ ପରିଶ୍ରମ କରିବା ଅଟେ । ତରବାରି ସହିତ ଜିହାଦ୍ କରିବା ଇସ୍‌ଲାମ୍‌ର ଅସଲ ଲକ୍ଷ୍ୟ ନୁହେଁ । ଇସ୍‌ଲାମ୍‌ର ଅସଲ ଉଦ୍ଦେଶ୍ୟ ତ ନିଜକୁ ଓ ନିଜର ଆତ୍ମାର ସୁଧାର କରିବା ଅଟେ । ତେଣୁ ଏଥିପାଇଁ ବର୍ତମାନ ସମୟରେ ଖିଲାଫତ୍‌ର ଆବଶ୍ୟକତା ରହିଛି ।

ଜର୍ନାଲିଷ୍ଟ ଜଣକ ପ୍ରଶ୍ନ କଲେ ଯେ ଜଣେ ଖଲିଫା ହୋଇଥିବା ଦୃଷ୍ଟିକୋଟରୁ ଆପଣ କଣ କଣ କାମ କରିଛନ୍ତି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋର କାର୍ଯ୍ୟ ହେଉଛି ଉପରୋକ୍ତ ଉଦ୍ଦେଶ୍ୟକୁ ଆଗକୁ ନେଇ ଚାଲିବା, ଯେଉଁଥିପାଇଁ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଏ ଦୁନିଆକୁ ଆସିଛନ୍ତି । ଅର୍ଥାତ୍ ଇସ୍‌ଲାମ୍‌ର ବାସ୍ତବିକ୍ ଶିକ୍ଷାକୁ ଜୀବନ୍ତ କରିବା ପାଇଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ମୁଁ ଏ ସଂସାରକୁ ଦୁଇଗୋଟି ଉଦ୍ଦେଶ୍ୟ ନେଇ ଆସିଛି । ପ୍ରଥମ ଉଦ୍ଦେଶ୍ୟଟି ହେଉଛି ମାନବ ଜାତିକୁ ନିଜ ସୃଷ୍ଟିକର୍ତାଙ୍କ ସମ୍ପର୍କ କରାଇବା ଅର୍ଥାତ୍ ହୁକୁକୁଲ୍ଲାଃ (ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟକୁ ପ୍ରଦାନ କରିବା) ଏବଂ ଦ୍ୱିତୀୟଟି ହେଉଛି ସେମାନଙ୍କୁ ମନୁଷ୍ୟଙ୍କର ହକ୍ ପ୍ରଦାନ କରିବା ନିମନ୍ତେ ସୁଚନା ଦେବା ଅର୍ଥାତ୍ ହୁକୁକୁଲ୍ ଇବାଦ (ମନୁଷ୍ୟକୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବା) । ସୁତରାଂ ଏହା ହିଁ ମୋର ଉଦ୍ଦେଶ୍ୟ ଅଟେ ଯେ ପ୍ରେମ, ସ୍ନେହ, ଶାନ୍ତି ଓ ଭାଇଚାରାର ବାର୍ତା ସମଗ୍ର ସଂସାରରେ ପ୍ରସାର କରିବି ।

ଜର୍ନାଲିଷ୍ଟ ଜଣକ ପଚାରିଲେ ଯେ ଅହେମଦୀ ମାନଙ୍କ ଭିତରେ କଣ ଏପରି କଥା ଅଛି ଯେ ଯେଉଁଥିପାଇଁ ସେମାନେ ନିଜର ଇମାନ୍ ଓ ଧର୍ମ ଖାତିର ନିଜର ଜୀବନକୁ ମଧ୍ୟ ପରବାୟ କରୁନାହାଁନ୍ତି ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଆପଣଙ୍କର ଏ ଇମାନ୍ ଅଛି ଯେ ଆପଣ ଏହି ଧର୍ମକୁ ଅଲ୍ଲାଃତାଲାଙ୍କ ଖାତିର୍ ଗ୍ରହଣ କରିଛନ୍ତି ତେବେ ଆପଣ ଯାହା ମଧ୍ୟ କୁର୍ବାନୀ କରୁଛନ୍ତି ତାହା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ନିମନ୍ତେ ହୋଇଥାଏ । ସେଇଥିପାଇଁ ଅହେମଦୀମାନେ ନିଜର ବିଶ୍ୱାସରେ ବହୁତ ଦୃଢ଼ ଥାଆନ୍ତି । ଆମର ଇମାନ୍ ହେଉଛି ଯେ ଏ ସଂସାର କେବଳ ଆମ ଜୀବନର ଉଦ୍ଦେଶ୍ୟ ନୁହେଁ । ଏହି ବିଷୟକୁ କିଛି ଅନ୍ୟାନ୍ୟ ତଥାକଥିତ ଓ୍ୱଲେମା ମାନେ ଓ ମୁଲାମାନେ ମଧ୍ୟ ଭୁଲ୍ ରୂପେ ବର୍ଣ୍ଣନା କରୁଛନ୍ତି । ଏବଂ କହୁଛନ୍ତି ଯେ ଯଦି ତୁମେ କାହାର ଜୀବନ ନେଉଛ ତେବେ ତୁମେ ଜନ୍ନତ୍‌କୁ ଯିବ । କିନ୍ତୁ ଆମ ନିକଟରେ ଏହା ଏପରି ନୁହେଁ । ଅହେମଦୀମାନେ ତ ସର୍ବଦା ଶାନ୍ତି, ପ୍ରେମ, ଭାଇଚାରାର ବାର୍ତାକୁ ପ୍ରଚାର ଓ ପ୍ରସାର କରୁଛନ୍ତି । କିନ୍ତୁ କିଛି ଅନ୍ୟ ଚରମପନ୍ଥୀ ଇସ୍‌ଲାମୀୟ ଗୋଷ୍ଠୀ ଇସ୍‌ଲାମ୍‌ର ଶିକ୍ଷାକୁ ଭୁଲ୍ ରୂପେ ପ୍ରଚାର ପ୍ରସାର କରୁଛନ୍ତି ଓ ଘୃଣାକୁ ପ୍ରସାର କରୁଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ଯଦି ଆପଣଙ୍କ ନିକଟରେ କିଛି ଭଲ ଜିନିଷ ଅଛି ଓ ଆପଣ ସେହି ଜିନିଷକୁ ସଂସାରବାସୀକୁ ଦେବାକୁ ଚାହୁଁଛନ୍ତି ତେବେ ସଂସାରବାସୀ ତାକୁ ନେଇନେବେ । ସେଥିପାଇଁ ଯେତେବେଳେ ଏହା ଅନୁଭବ ହେଉଛି ଯେ ଏହା ହିଁ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା ଓ ଏହିପରି ଆମେ ଅଲ୍ଲାଃତାଲାଙ୍କର ସାନିଧ ହାସଲ କରିପାରିବୁ ତେବେ ସେମାନେ ଆମ ସହିତ ମିଶିଯାଉଛନ୍ତି ।

ପୁଣି ଜର୍ନାଲିଷ୍ଟ ଜଣକ ଏ ପ୍ରଶ୍ନ କଲେ ଯେ ଆପଣଙ୍କ ଜମାତ୍‌ର ଭବିଷ୍ୟତ କଣ ? କଣ ଆପଣମାନେ ଭାବୁଛନ୍ତି ଯେ ଏପରି ଗୋଟିଏ ସମୟ ଆସିବ ଯେତେବେଳେ ଦୁନିଆର ଅଧିକାଂଶ ଲୋକେ ଆପଣଙ୍କ ଜମାତ୍‌ରେ ସାମିଲ୍ ହୋଇଯିବେ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ତ ବହୁତ ପୁର୍ଣ୍ଣ ବିଶ୍ୱାସ ରଖିଛି ଓ ଯୁକ୍ତାତ୍ମକ ଭାବନା ରଖିଛି । ବାସ୍ତବିକ ଇସ୍‌ଲାମ୍‌ର ବାର୍ତା ସମଗ୍ର ଦୁନିଆରେ ନିଶ୍ଚିତ ପହଂଚିବ । ଏବଂ ଏହା ହେଉଛି ଆମର ଉଦ୍ଦେଶ୍ୟ ଯେ ସାରା ଦୁନିଆ ଏହା ଅନୁଭବ କରୁ ଯେ ସେମାନଙ୍କର ଜଣେ ସୃଷ୍ଟିକର୍ତା ଅଛନ୍ତି, ଜଣେ ଶକ୍ତିଶାଳୀ ଇଶ୍ୱର ଅଛନ୍ତି । ଜଣେ ଅନ୍ୟ ଜଣକର ସମ୍ମାନ କରି ଆମେ ଏହି ଉଦ୍ଦେଶ୍ୟ ହାସଲ କରିପାରିବୁ । ଏବଂ କୟାମତ୍ ପର୍ଯ୍ୟନ୍ତ ଏ ବାର୍ତାକୁ ଛାଡ଼ିବୁ ନାହିଁ ।

ଦଫ୍‌ତରି ସାକ୍ଷାତ୍‌କାର୍ ଓ ଇଂଟରଭ୍ୟୁର ପ୍ରୋଗ୍ରାମ୍ ଗୁଡିକ ଦିନ ୧:୪୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌କୁ ଆସି ନମାଜ ଜୋହର୍ ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପୁଣି ହଜୁର୍ ଅନୁଓ୍ୱର୍ ସନ୍ଧ୍ୟା ୫:୩୦ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ରେ ପହଂଚି ନମାଜ ଅସର୍ ପଢ଼ାଇଲେ ।

**ଜଣକିଆ ଓ ପାରିବାରିକ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ନମାଜ ଅସର୍ ପରେ ବିଭିନ୍ନ ଦେଶରୁ ଆସିଥିବା ସଦସ୍ୟ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ କରିବା ଆରମ୍ଭ କଲେ । ଆଜି ୨୪ଟି ଫ୍ୟାମିଲିରୁ ୧୨୦ ଜଣ ଲୋକ ଏହାଛଡ଼ା ଜଣକିଆ ୧୩ ଜଣ ଲୋକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୧୨୩ ଜଣ ଲୋକ ସାକ୍ଷାତ୍ କରିବାର ସୁଯୋଗ ପାଇଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୬ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ମସ୍‌କଟ୍, କାନାଡ଼ା, ସିରିଆଲିଓନ୍, ଘାନା, ଆମେରିକା, ନର୍‌ୱେ, ମୋରିସସ୍, ମରାକିଶ୍, ଫ୍ରାନ୍‌ସ, ଜର୍ମାନୀ, ତନ୍‌ଜାନିଆ, ନାଇଜେରିଆ, ଇଣ୍ଡିଆ, ସ୍ୱୀଡେନ୍ ଏବଂ ୟୁ.କେ । ଏମାନେ ସମସ୍ତେ ନିଜର ପ୍ରିୟ ଖଲିଫାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅତି ସ୍ନେହର ସହିତ କଲମ ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 01 March 2018 Issue No.9

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION**:Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

**ବାସ୍ତବିକ ଇସ୍‌ଲାମ୍‌ର ବାର୍ତା ସାରା ସଂସାରରେ ନିଶ୍ଚିତ ରୂପେ ପହଂଚିବ ।**

**ଯୁବପିଢ଼ୀଙ୍କୁ ଶିକ୍ଷିତ କରନ୍ତୁ, ସେମାନଙ୍କର ଟ୍ରେନିଂ ନିମନ୍ତେ ପ୍ରୋଗ୍ରାମ୍ ବନାନ୍ତୁ, ଖୁଦାମୁଲ୍ ଅହେମଦୀୟାର ଯେଉଁ ଅହଦ୍ ଅଛି ସେଗୁଡିକ ତାଙ୍କ ମୁଣ୍ଡରେ ପୁରାଇ ଦିଅନ୍ତୁ ଯେ ଆପଣମାନେ ସବୁ ଅହେଦ୍ କରିଛନ୍ତି ତେଣୁ କୁର୍ବାନୀ କରିବାକୁ ହେବ, ସଂପୁର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବାକୁ ହେବ, ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ରଖିବାକୁ ହେବ ।**

---

**ତରବିୟତ୍ ନିମନ୍ତେ ଗୋଟିଏ ଛୋଟିଆ ଓ ଆଉ ଏକ ବଡ ପ୍ରୋଗ୍ରାମ୍ ବନାନ୍ତୁ, ଛୋଟ ପ୍ଲାନ୍‌ରେ ନମାଜ ପଢ଼ିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉ, କିଛି ଧାର୍ମିକ ଶିକ୍ଷାର ଯୋଜନା ଇଜ୍‌ଲାସ୍‌ରେ ଉପସ୍ଥାନ ବଢ଼ାନ୍ତୁ, ଯମାତି କାମରେ ସାମିଲ୍ କରାନ୍ତୁ, ଖୁଦାମ୍‌କୁ ଖେଳରେ ସାମିଲ୍ କରାନ୍ତୁ । ଏହିପରି ଗୋଟିଏ Attachment ହୋଇଯିବ । ମାଲି ନିଜାମ୍‌ରେ ସାମିଲ୍ କରନ୍ତୁ, ମାଲି କୁର୍ବାନୀ ପ୍ରତି ଧ୍ୟାନ ଅକର୍ଷଣ କରାନ୍ତୁ । ଏମ୍.ଟି.ଏ ର ଗୁରୁତ୍ୱ ବତାନ୍ତୁ ଓ ଏମ୍.ଟି.ଏ ସହିତ Attach କରନ୍ତୁ ।**

**(ମୁବଲ୍ଲିଗିନ୍ କରାମ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ମୂଲ୍ୟବାନ୍ ଉପଦେଶ)**

---

**ମୁଁ ବହୁତ ଆଶାବାଦୀ ଯୁକ୍ତାତ୍ମକ ଭାବନା ଭାବନା ରଖିଛି, ବାସ୍ତବିକ ଇସ୍‌ଲାମ୍‌ର ବାର୍ତା ସମଗ୍ର ଦୁନିଆରେ ନିଶ୍ଚିତ ରୂପେ ପହଂଚିବ ଓ ଏହା ହିଁ ଆମର ଉଦ୍ଦେଶ୍ୟ ଯେ ସାରା ଦୁନିଆକୁ ଏ ଅନୁଭବ ହୋଇଯାଉ ଯେ ଜଣେ ସୃଷ୍ଟିକର୍ତା ଅଛନ୍ତି, ଜଣେ କାଦିରେ ମୁତ୍‌ଲକ୍ (ସର୍ବଶକ୍ତିମାନ୍) ଅଲ୍ଲାଃ ଅଛନ୍ତି, ଜଣେ ଅନ୍ୟ ଜଣଙ୍କର ସମ୍ମାନ କରି ଆମେ ଏହି ଉଦ୍ଦେଶ୍ୟକୁ ହାସଲ କରିବା ଓ କୟାମତ୍ ପର୍ଯ୍ୟନ୍ତ ଏହି ବାର୍ତାକୁ ଛାଡ଼ିବା ନାହିଁ ।**

**(ବି.ବି.ସି ଓ୍ୱାର୍ଲଡ୍‌ର ଜର୍ନାଲିଷ୍ଟ୍‌ଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍)**

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**୦୮ ଅଗଷ୍ଟ ୨୦୧୭ ମଙ୍ଗଳବାର**

୮ରୁ୧୫ ଅଗଷ୍ଟ ୨୦୧୭ ପର୍ଯ୍ୟନ୍ତ ମର୍କଜି ପ୍ରତିନିଧିଗଣ, ଉମରା କରାମ୍, ନ୍ୟାସ୍‌ନାଲ୍ ସଦରାନ୍, ମୁବଲ୍ଲିଗିନ୍ ଇନ୍‌ଚାର୍ଯ୍ ଓ ଅନ୍ୟାନ୍ୟ ଯମାତି ଓ୍ୱହ୍‌ଦାଦାର୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ ଜାରି ରହିଲା । ସାକ୍ଷାତ୍‌କାର୍ କରିଥିବା ବ୍ୟକ୍ତି ବିଶେଷ ଏହି ସାକ୍ଷାତ୍‌କାର୍‌ରେ ଆସନ୍ତା ବର୍ଷର ପ୍ରୋଗ୍ରାମ୍, ନିଜର ତବ୍‌ଲିଗି, ତର୍‌ବିୟତି ଯୋଜନା, ମସ୍‌ଜିଦ୍ ଓ ମିଶନ୍ ହାଉସ୍ ଓ ସେଂଟର୍ ନିର୍ମାଣ ନିମନ୍ତେ ପ୍ରୋଗ୍ରାମ୍ ଓ ନିଜ ନିଜ ଦେଶ ବା ସଂଗଠନ ପ୍ରସଙ୍ଗରେ ଅନ୍ୟାନ୍ୟ ଯୋଜନା ଓ ବିବିଧ ମାମଲା ଗୁଡିକ ଉପସ୍ଥାପନ କରି ହିଦାୟତ୍ ହାସଲ କଲେ ।

୮ ଅଗଷ୍ଟ ମଙ୍ଗଳବାର ଦିନ ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସକାଳ ୧୦:୩୦ ରୁ ଆରମ୍ଭ ହେଲା । ମୋକରମ୍ ନାଏବ୍ ନାଜିର୍ ସାହେବ୍ ରିଶ୍‌ତାନାତା ରବ୍‌ଓ୍ୱା, ମୋକରମ୍ ଅଫିସର୍ ସାହେବ୍ ଖଜାନା ଓ ମୋକରମ୍ ନାଜିର୍ ସାହେବ୍ ତାଲିମ୍ ରବ୍‌ଓ୍ୱା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏବଂ ବିଭିନ୍ନ ମାମଲା ଗୁଡିକ ଉପସ୍ଥାପନ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ହିଦାୟତ ହାସଲ କଲେ ।

ଏତଦ୍‌ବ୍ୟତୀତ ଏଡିଶିନାଲ୍ ଓ୍ୱକିଲୁଲ୍ ତସ୍‌ନିଫ୍ ସାହେବ୍ ଲଣ୍ଡନ୍, ଏଡ଼ିଶିନାଲ୍ ଓ୍ୱକିଲୁଲ୍ ମାଲ୍ ସାହେବ୍ ଲଣ୍ଡନ୍, ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ୍ ଏବଂ ଡିରେକ୍ଟର୍ ଅଫ୍ ପ୍ରଡ୍‌କସନ୍ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ । ଏବଂ ନିଜ ନିଜର ଭିନ୍ନ ଭିନ୍ନ ମାମଲା ଓ ବିଷୟ ଗୁଡିକ ଉପସ୍ଥାପନ କରି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ହିଦାୟତ୍ ଗ୍ରହଣ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଦିନ ୨ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମାକରି ପଢ଼ାଇଲେ । ନମାଜ ପଢ଼ିସାରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଏକାକୀ ଓ ପାରିବାରିକ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ଲୋକେ ଓ ଫ୍ୟାମିଲି ମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ୩୪ଟି ଫ୍ୟାମିଲିରୁ ୧୭୦ ଜଣ ଲୋକ ଏତଦ୍‌ଭିନ୍ନ ଆଉ ୧୫ ଜଣ ଜଣ ଜଣକିଆ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ସର୍ବମୋଟ ୧୮୫ ଜଣ ଲୋକ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ୍‌କାର୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୧୬ଟି ଦେଶରୁ ଆସିଥିଲେ- ପାକିସ୍ତାନ୍, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ଦୁବାଇ, ଅବୁଧାବି, ୟୁ.କେ, ଇଣ୍ଡିଆ, ଜର୍ମାନୀ, ନାଇଜେରିଆ, ଆଇଭରିକୋଷ୍ଟ, ନାଏଜର୍, ଗିନି କନାକରି, ଇଟାଲୀ, ଶାର୍‌ଝା ଓ ଘାନା ।

ଏମାନଙ୍କ ମଧ୍ୟରୁ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ଗ୍ରହଣ କରୁଥବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ ଯାଇ ନମାଜ ମବ୍‌ରିବ୍ ଓ ଇଶା ଯମା କରି ପଢ଼ାଇଲେ । ନମାଜ ପାଠ କରି ସାରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

୯ ଅଗଷ୍ଟ ୨୦୧୭ ବୁଧବାର

ପୂର୍ବଭଳି ଆଜି ମଧ୍ୟ ମୋକରମ୍ ଓ୍ୱକିଲ୍ ସାହେବ୍ ତାମିଲ୍ ଓ୍ୱ ତନ୍‌ଫିଜ୍ (ଇଣ୍ଡିଆ, ନେପାଳ ଓ ଭୁଟାନ୍ ନିମନ୍ତେ) । ଏବଂ ମୋକରମ୍ ପ୍ରାଇଭେଟ୍ ସେକ୍ରେଟାରୀ ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଦଫତରି ସାକ୍ଷାତ୍‌କାର କରିବାର ସୁଯୋଗ ପାଇଲେ । ବିଭିନ୍ନ ପ୍ରକାର ମାମଲାକୁ ଉପସ୍ଥାପନା କରି ହିଦାୟତ୍ ହାସଲ କଲେ । ଦଫ୍‌ତରି ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସକାଳ ୧୦:୩୦ ରୁ ଦିନ ୧:୩୦ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଯାଇ ନମାଜ ଯୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଏକାକୀ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ଲୋକମାନେ ଓ ଫ୍ୟାମିଲି ଗୁଡିକ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan